ଆମେ କୋଥାଲୀ

ଆମର ଭାଷା କୋଥାଲ

ହାମେ କୋଶଲୀ
ହାମର୍ ଭାଷା କୋଶଲୀ

କାହାର ସ୍ୱାର୍ଥ ଲଗି ଓଡ଼ିଶାଥି ସମ୍ଲପୁରକେ ମେଶାଗଲା — ଶ୍ରୀ ନୀଲ୍‌ମାଧବ ପାଣିଗ୍ରାହୀ

କୋସଲେ କୋସଲି ଭାଷା — ଶ୍ରୀ ପି: ଆର୍: ଦୁବେ

କୋଶଲୀ ଲିପି ସମସ୍ୟା ବିଚାର — ଶ୍ରୀ ପ୍ରୟାଗଦତ୍ତ ଯୋଶୀ

ଭାଷାର ବିକାଶ ଆଉ କୋଶଲ — ଶ୍ରୀ ଦୀପକ କୁମାର ପଣ୍ଡା

Linguistic Dominance over Kosal — **Dr. Chitrasen Pasayat**

Copy of the Memorandum for recognition of Kosli —

ଦକ୍ଷିଣ କୋଶଲର ଭାଷା — ଡ଼ା: ବିଜୟ କୁମାର ତ୍ରିପାଠୀ

ସଂପାଦନା
ଶ୍ରୀ ନୀଲମାଧବ ପାଣିଗ୍ରାହୀ

—ପ୍ରକାଶକ୍—
କୋଶଲ ଭାରତୀ ପ୍ରତିଷ୍ଠାନ
କଲେଜ ମାର୍ଗ, ସମ୍ବଲପୁର - ୪

ମୁଦ୍ରକ୍—
ବିଶାଲ୍ ପ୍ରିଣ୍ଟର୍ସ, ପଞ୍ଚନାୟକପଡ଼ା, ସମ୍ବଲପୁର

୧, ଅଗଷ୍ଟ ୧୯୯୨, ସତ୍ୟନାରାୟଣ ବହିଦାର ଜୟନ୍ତୀ

ଦାମ - ଚାରି ଟଙ୍କା

Scanned by CamScanner

କବି ଆଉ କଲମ୍

ହାଦ୍‌ସି ହେଲେ ବି କହୁଁ କାଣା,   ଆଜର୍ ନୂଆଁ ଟାଉ କାଏଲକେ ଜୁହ୍ନା
—ରାମଚନ୍ଦ୍ର ଆଚାର୍ଯ୍ୟ

ଡେନ୍‌ସି ଧୂଳିଆର ପର୍ବତ ଉପରୁ   ଗଛଟେ କହ୍‌ମଉଁ କରି ଲାଙ୍ଗବାର ହେଲା
ସମିଆ ଖାଲି ଲାଙ୍ଗୁଛେ   —ସଂଜୟ କୁମାର ମିଶ୍ର

ଇମା-ସତ୍ କହେମି କ ମିଛ କହେମି ବଡ଼େଇ ଦେ'ନ ଠକାଟା
ମିଛ କଥା ଖିଁଡ୍ ମଧୁ ର ସତ୍‌କଥା କୁର୍ ପିତାଟା   —୬ ଚତୁର୍ଭୁଜ ସାହୁ

ସାହେବ ପଚ୍ରାଲେ,   ହରିଜନ ପଡ଼ାଁର କୁଆଁଟା କାହିଁଗଲା ?
କଏଛୁ ବଏଲ,   ଡଗର୍ ଉପର ପଣ୍ଡାବାଲେ ନେଇଗଲେ —କ୍ଷୀରସାଗର ପ୍ରଧାନ

ଢୋଲ୍ ବଜିବା, ନିଶାନ୍ ଦୁଲକବା, ତାସା ରଉଦ୍‌କବା
ଉଲଗୁଲନ୍ ହେବା, ଉଲଗୁଲାନ୍ ହେବା, ଉଲଗୁଲାନ୍ ହେବା—ଦୁର୍ଗାଶଙ୍କର ବାଗ

ସବୁ ଯାକ ହଲମା ଉଙ୍ଗାକେ, କେତେ ସଲଖାବା ଯାହିଁ ଆଲ
ସବୁଆଡେ ଯାକ ପାଏନ୍ ଗଲବା କେତେ ଚଟ୍ଟମା କର୍‌ସଲ—ଜୟଦେବ ବଗର୍ତ୍ତୀ

ମନ୍‌ଟା ଦିନେରେ ଖାରର ମୟୂନା   ଖାରେଁ ହେଇଗଲ୍ ବନା
ପିଁଜ୍‌ରା ଛୁଟଲେ ଘରର ମୟୂନା   ଘର ହେସି ଛୁନା ଛୁନା—ଉମାଶଙ୍କର ପଣ୍ଡା

ମରମରି କରି ଜଲିବାର, ଜୀବନ୍‌ଟାକେ ଖୁଜୁଛେଁ   —ଆନନ୍ଦ ଚନ୍ଦ୍ର ସାହୁ

କାଠ୍‌ଗଣ୍ଡୁ ଖାଲି କାଠଗଣ୍ଡ୍‌କେ ଧାଉଁଥିମି ନ
ଖେଁଟେଖଲେ ଖାଲି ବୁଲୁଥିମି ଆଉ ଦାଉଥିମି ନ ?   —ଜୟଦେବ ଉପାସନା

ପାନର୍ ଫୁଟ୍‌କା ଜୀବନ୍
ଇହାଦେ ଅଛେ ଇହାଦେ ନାଇଁ, ଇତାର୍ କାଏଁ ବନ୍ଧନ—ସାଧୁଚରଣ ପଟ୍ଟନାୟକ
ଟେଟେରେ ଲେଖେନ୍ ଟେଟେରେ ଟେରେଇ ଯା' ଟେହେଉ ନ —ବିନୟ କୁମାର ଦାଶ

ଶ୍ରଦ୍ଧାଞ୍ଜଳୀ

ହାମର କୋଶଲୀ ଭାଷାର କବିବର ସତ୍ନାରେନ ଦଦା,

ତମେହେଁ ବାରବଛର ପୂର୍ବେଁ ଅମର ପଦବି ନେବାର୍କେ ସର୍ଗେ* ଭୂୟଁତା ପାସୁଲ ଆଉର ଯେନ 'ସମଲପୁରର ମାଟି ପାନି ଝରସି ହାରାମାଲ' ବଲି 'ଧୁବକୁଣ୍ଡୁ' ବଜେଇ କରି ଗୀତ ଶୁନେଇଥିଲ ସେନୁ ବାହରିଗଲ । ତମହର 'ଅତ୍ର ଗଡଜାତ ଗୀତିକା' ଖଁଡିହା ରହିଗଲା । ସେଟା ଶୁନଥିଲେଁ ଲୁକେ ଜାନଥିବେ, ତମେହେଁ ଏକଲା ସମଲପୁରର ନୁହ, ତମହର କବିତା ଏକଲା ସମଲପୁରର ନହେସେ, ସାରା କୋଶଲ ଦେଶର । ତମେହେଁ ହାମର ସାରା କୋଶଲ ଦେଶର ମାତୃଭାଷା ସଂସ୍କୃତି ଆରି ହାମର ଖାରୁ ପୁରୁଷମାନକର ଗୌରବ ଗାଇ ଗାଇ କୁରୁତ କୁରୁତ ହଉଥିଲ । ତମେହେଁ ହାମର ମାତୃଭାଷା କୋଶଲୀଥିଁ ଉଚା ଦର୍ଜାର କେତନ କେତେ କବିତା ଲେଖିକରି ଦେଖେଇଦେଲ, ହାମର ମାତୃଭାଷା ଦୁସର କେହେନସି ଭାଷାନୁ ହୀନ ନୁହେ । ତମହର ଦୟା ଆରି ଭଲଁକ ଲାଗି ବଲି ଆଯୁଜ ହାମର କୋଶଲୀ ଭାଷାଥି ଉଚା ଦର୍ଜାର କାବ୍ୟ କବିତା ଗୀତ ପ୍ରବନ୍ଧ ରୂପକ କଥାମାନ ଆଦି ହରେକ ଜାତିର ସାହିତ୍ୟ ଲେଖା ହଉଛେ ।

ତମକେ ଆଯୁଜ ତମହର ଜନମ ଦିନେ ସୁର୍ତା କରୁଛୁଁ । ସୁର୍ତା କରୁଥିମୁ ।

୧।୮।୧୯୯୨

ପ୍ରକାଶକ

ସତ୍ୟନାରାୟଣ ବହିଦାର ଜୟନ୍ତୀ

Scanned by CamScanner

ଗଣତନ୍ତ୍ରର ସର୍ବସଥି
ଜୀବନର ସର୍ବସ୍ୱକେ ଦେଲ୍‌ହେଟି ଦେଖଲେ
ବେଲେ ଖାଏବାକେଁ ମିଲ୍‌ଲେ ଆରବେଲା
ଘରେ, ଦାଁଡ଼ ପାଚଲା ମାକରଚର୍ ମାରୁଥିସି

—ସ୍ୱର୍ଣ୍ଣଲତା ଦାଶ

ଗୁଣ୍ଠ ଗୁଣ୍ଠ କରି ହଜାରେ ଦୁଃଖକେ ମାଜଦସି
ପେଟର ଭୋକକେ ଢକଢକେ ଝକାଲୁ ସେ
କର୍‌ହା ପଡ଼ଂଗା ମାନ୍‌କୁ ଭୂକ-ଶୋଲ୍ ମାରୁଛେ
ଯୁବାବାଲା !

ରାମଭକ୍ତ ପରିଡ଼ା

ସମିଆ ଦେକାଚେ ଆସୁରେ ମାଁ, କାନ୍ଦ୍‌ଗେଲେଁ ଗୁଟେ ସାଙ୍ଗର
ଲୁଟିକେ କନଦୁସନ, ଆଗେଇଲେ ସୁରୁ, ଗାଁ ଗାଁଡ଼ା, ପୁର

—ମଙ୍ଗଲୁ ଚରଣ ବିଶ୍ୱାଳ

ପଚାଶଟି, ଲୁକଲା ତାର ନକ୍ସା ଖାଗର ନଶା
ଲୁଟ ବନ୍ଦ୍‌ଲ ପରେ ଛମଛମାବାକେ
ପଏଁଶ ପାଏଁଖଲ ଦଉଛେ କେତ୍ରା ଆଉ ଭୂଷା

—ରଘୁନାଥ ମିଶ୍ର

ତମେ ଗନ୍ଧସ ସହର ଭଏଁ ମୁହିଁ ଗାଁ-ଭୂଇଁ
ତମେ ବଜାଲେ ଡ୍‌ବଡବ୍‌ଲା ଧୁତୁରନାଦା ମୁହିଁ

—ବିପିନ୍ ବିହାରୀ ଦାଶ

ମାଛି ଅନ୍ଧରିଆ ରଂଗର କାଁଚ ପେନ୍‌ଦେକ ଦେଲ୍‌ହେଟିମି
ବଏଲୀକେ, ଟଙ୍କା ଅଏଁଶର ପେନ୍ଧ କାଣା ଶାଁକୁର ହେଇଯାଉଛେ
ନଜରି ଭି କଦ !
କେନତା କଲମ ବୁଥା ହେଇଯାଉଛେ ସେ !!

—ପ୍ରହଲ୍ଲାଦ ମହାରଣା

ହେଁକ୍‌ହେକଉଛେ ସମ୍ବଲପୁର, ବଲାଙ୍ଗିର କାନ୍ଦ୍‌ସି
ସୁନ୍ଦରଗଡ଼ର୍ ଘୁଡସି ନାଡ଼ କଲାହାଁଡ଼ି ଭାଙ୍ଗସି
କୋଶଲ କୋଶଲ ଭାଷା ପରଲ

—ରାମଚନ୍ଦ୍ର ଦାଶ

ବିଶଲ ଜଙ୍ଗଲ କୁହୁକେ କୋକିଲେ
ନର୍ମଲ ସଲିଲ ଗଡ଼ି ବୁଲିଲ
ସରତା ବୁହିଲ ଭୁମରେ ମାଁ ବୁଲେ

—ଜ୍ଞାନସ

କୋଶଲ ଗୀତ

—ନୀଳମାଧବ ପାଣିଗ୍ରାହୀ

ବନ୍ଦେ କୋଶଲ ଜନନୀ
ଆତ୍ମମର୍ଯ୍ୟାଦାନିବଦ୍ଧ ମହୀୟସୀ
ବୀରକଟକୁର ଜନନୀ ମହୀୟସୀ
ପାଦଯୁଗଲ ସୁତଶୀର ବନ୍ଦମାନ୍ୟା ।୦। ଜନନୀ···

ଭୂତଲ ସଂଚିତ ରତ୍ନବିଶାଳ
ଘନବନ ଗୁମ୍ଫିତ ଭୂଧରମାଳ
ପ୍ରକୃତିମନୋରମ ଚନ୍ଦନଶାଳ ।୧। ଜନନୀ···

ବୈଭବ ଚମ୍ପୂପର ଶୋଭିତଗାତ୍ରୀ
କୋଟିତନୟ ସଂବର୍ଦ୍ଧନଧାତ୍ରୀ
ଜ୍ଞାନଧର୍ମ୍ମନସ୍ୟ ପୂରିତପାତ୍ରୀ ।୨। ଜନନୀ···

ଉତ୍କଳକବଳିତ ବିକଳଶରୀର
ବ୍ୟାକୁଳଲୋଚନ ବିଗଳିତନୀର
ଉଡ୍ଡୀବିଷକୃତ ମୂକବଧିର ।୩। ଜନନୀ···

ଜାଗ୍ରତ ସନ୍ତତି ସିଞ୍ଚିତ ସଲିଲ
ବିପ୍ଳବ ପରିପ୍ଲୁତ ଚେତନଶୀଳ
ଇପ୍ସିତ ନିଜଜନ ଶାସନଲୀଳ ।୪। ଜନନୀ···

ଉତ୍କଳଶାସନ ଶୃଙ୍ଖଳଛିନ୍ନା
ଉତ୍କଳଭାଷାସଂସ୍କୃତି ଭିନ୍ନା
ପ୍ରଗତିପଥ ଶ୍ରମ ସତତସ୍ୱିନ୍ନା ।୫। ଜନନୀ···

ବିଜନିତ ନଗଣିତ ସତ୍‌ସୁତକନ୍ୟା
ବୀରସୁରେନ୍ଦ୍ର ପରାକ୍ରମଧନ୍ୟା
ଗଙ୍ଗାଧରକବିତା ରସବନ୍ୟା—
ପ୍ଲାବିତ ପାବନଧରଣୀ ।୬।
ବନ୍ଦେ କୋଶଲ ଜନନୀ ।

Scanned by CamScanner

ସହରର ଅନ୍ଧାରଟା ସୁଏ ଏଣ୍ଡା, ଫୁଲ
ମୁଲ୍-କଣ ହସିଲେ, ମନ୍ଦ ଥିପ୍‌ଥିପାସି
ନଗାର ଜୀବନ ଉଜଆ ଉଜଆ, ସମୁନ୍ଦରର—
ମରନ ଅନ୍ଧାର ଅନ୍ଧାର, ଆର୍ ମିଠା ପାଏନ୍
ଶୁସି ଶୁସି, ନୁନ ଜର୍‌ଜର କରୁଛେ
ସେନ୍ କାଲର ଅନ୍ଧାରଟା

—ପ୍ରକାଶ ଚନ୍ଦ୍ର ବହିଦାର

ଇ ଜନ, ତଗାକେ ବୁଝିଛେ
ଭୁଇବଡ୍ କି ମୁଇଁ ବଡ୍ ସଁସାର ଥି ସବୁ ବଡ୍
ସେନ୍ଦ ଦେଖବୁ ମୁନୁଷ ଗୁଟେ, ଘୁଏର ହାତ ଗୋଡ୍ ସାନବଡ୍

—ଏକାଦଶିଆ ନାୟକ

ସତ୍ କି ମିଛ ?
ସେଟା ନେଇ ଆଏବାର ଆଗରୁ
ହେତାଲେ ବନେ ସମକ୍ ହେସି

—ହୃଷୀକେଶ ପୁରୋହିତ

ସତ୍‌କେ ମୁକଲିବାଥିଁ ଲାଗିଛେ
ମିଛର ସାଏଙ୍ଗ, ମୁନୁଷ ଭଲଆ ମୁନୁଷଟାଂଚ ନୁରୁଛେ

—ରଞ୍ଜନ କୁମାର ପାଣିଗ୍ରାହୀ

ଇହାଦେ କଁନ୍ଦ କଁନ୍ଦନିଆ ହାଣ୍ଡୁଆ ଥନକେ
ରେଁ କଟୁଛେ, ସେ ସେନ୍ ନଂଗଲ୍ ଛୁଆ
ଛୁଆର ହାତେ ଖାଲି ଇହାଦେ, ଗୁଟେ ପର୍‌ଜାପତି
ଧରେଇ ଦେବାର ବନା, ଆରୁ ଦୁଃଖ କାଁଣା
ଇଟା କାହିଁ

—ଲେନିନ୍ ସାହୁ

ସବୁ ସାକର ସୁଖର ସାଙ୍ଗ୍ ଦୁଖର ନାଇଁନ କହେ
ସୁଖର ବେଲେ ନଦୁଁ ଥିସନ୍ ଦୁଃଖେ ନାଇଁ ଆସନ୍ କହେ
ଧୀର ପାଏନ୍ କାଟ୍‌ସି ପଥର ଉଡ୍‌ସି ବାଲୁ ବାନା
ହର୍‌ବର ହେଲେ ଫାଟ୍‌ସି ଆଁଠୁ କହେମି ଆଉର୍ କାଣା

—ପଦ୍ମାକର ପାଣିଗ୍ରାହୀ

ବେଙ୍ଗାଲି ଗଛର୍ କର୍‌ସୁ
ନାଇଁ ଦେଖି ମନ୍ ଧୁକୁର୍ କୁଚୁର୍
ଦେଖିଦେଲେ ମନ୍ ପର୍‌ସୁ

—ବିନୋଦ ପଶାୟତ

Scanned by CamScanner

ସମର୍ପଣ

ଓଁ ଇଡା ସରସ୍ୱତୀ ମହୀ
ତସ୍ରୋ ଦେବୀର୍ମୟୋଭୁବ ।
ବର୍ହିଃ ସଦନ୍ତ୍ୱସିଧଃ ॥

ମାତୃଭାଷା, ମାତୃସଭ୍ୟତା, ଆଉର ମାତୃଭୂମି—ତିନହି
ସୁଖକାରିଣୀ ସ୍ଥିରରୂପ ଦେବୀ ହାମରହୃଦୟାସନ୍‌ଥିଁ ଅଧିଷ୍ଠିତ ରହ ।

ଋକ୍‌ବେଦ : ୧-୧୩-୯

ସ୍ୱତନ୍ତ୍ର ଇତିହାସ, ଭାଷା ଆଉ ସଂସ୍କୃତି ଏବଟେକ୍ 'କୋଶଲି' ଜାତିଅଟା ଆଜୁ ପହେଲୁଁ ନିଜକେ ବଁଚେଇ କରି ରଖିଛେ । ଇ ଜାତିର ମାତୃଭୂମି 'କୋଶଲ' ଆଉ ମାତୃଭାଷା 'କୋଶଲି' ଆଏ, ଇ'ଟା ନିର୍ବିବାଦ କଥା । ସ୍ୱାଧୀନତା ଉତାରୁ ଗୁଟେ ରାଜନୈତିକ ଷଡ଼ଯନ୍ତ୍ର କରିଆଥି କୋଶଲ୍‌କେ ଦୁଇଖଣ୍ଡ କରି ଓଡ଼ିଶା ଆଉ ମଧ୍ୟପ୍ରଦେଶଥି ମିଶେଇ ଦିଆଗଲା । ଇ ମିଶ୍ରଣ ଉତାରୁ କୋଶଲି ଜାତିସ୍ୱତା ଆଉ ଭାଷା ଉପ୍ରେ ପଶ୍ଚାତ୍ଚିନ୍ତା ଲଦେଇ କରି ଅନବରତ ସଂସ୍କୃତି ସଂହାର (Culturoscide) କରାଯାଉଛେ ।

ଖୋବ୍ ଆନନ୍ଦର କଥା, କୋଶଲର ଯୁବଶକ୍ତି ଇ ବିଷୟଟକେ ବୁଝି ପାରି କରି ଏଚ୍ଛେନ୍ ନିଜର ମାତୃଭୂମି, ମାତୃଭାଷା ଆରୁ ମାତୃସଭ୍ୟତାକେ ରକ୍ଷା କରବାକେ ଏକଜୋଟ ହେଇଛନ୍ । କବି **ସତ୍ୟନାରାୟଣ ବହିଦାର** ଇ ସଂଗ୍ରାମର ଆଗୁଆ ସିପେଇ ଆନ । ତାକର ଜୟନ୍ତୀ ବେଲ୍‌ଥି **'ଆମେ କୋଶଲୀ: ଆମର ଭାଷା କୋଶଲୀ'**—ଇ ଶ୍ରଦ୍ଧାର ଫୁଲମାଲ୍ କୋଶଲର ଏକକୋଟି ସନ୍ତାନକେ ସାଦର ସମର୍ପଣ ।

ଭବଦୀୟ

ପି: ଆର: ଦୁବେ
ସଂଯୋଜକ, କୋଶଲ୍ ସମ୍ମେଳନ
୧-୮-୯୨

Scanned by CamScanner

କାହାର ସ୍ୱାର୍ଥ ଲାଗି
ଓଡ୍‌ଶାଥି ସମଲପୁରକେ ମେଶାଗଲା ?

—ଶ୍ରୀ ନୀଲମାଧବ ପାଣିଗ୍ରାହୀ

ହାମର ବୟୁଦାର ଦଦା ୬ ସତ୍ୟନାରାୟଣ ବନ୍ଧିଦାର ମଲ୍ଲ କରି ଅମର ପଦବ ପାୟୁବାର ଆୟୁକ ବାର ବଛର ଭର୍ତ୍ତି ହେଲା । ଦଦାକେ ହାମେ ଆୟୁକ କାଁକରି ଜହ ସୁର୍ତ୍ତା କରୁଛୁଁ ଆର ହୁର୍ଗୁନ ଦଉଛୁଁ ? ଦଉଛୁଁ ଇଥର ଲାଗି ଯେ ଦଦା ହାମର କୋଶଲ ଦେଶର ଉଲୁଲି ସହରେନ, କୟୁରୁ କସାନ, ଖଧାଲ୍ ଖେତି ମାଖନ୍ନୁ ସିଧା ମେଟାନ ମାମଲା ମୁନୁଷ ମାନକର କୁଇଆଥି ଯେନ ହ୍ରାସ୍ୱାଲ୍ ମୁତି ମାନକ ବାଗିର ଶବଦମାନ ଚାପି ହେଇଥିଲା, ସେଟାମାନ ଯତନ ସେ ବେଁଟି ଆନଲେ, ସେଥି ଗଜବନ ମାଲ ଗୁଁଥଲେ ଆର ବାଗଦେବୀ ସମଲେଇର ବେକେଁ 'ଶିରଫଁଟମିଥି ପିଁନ୍ଧେଇଦେଲେ; ତାପଚେ ଫେର 'ଧବକୁଡ଼' ବଟେଜି କରି ନାସୁବାନକେ ନଚେଲେ । ରସିଆମାନକେ ବୟୁଦାର ଦଦା ଶୁନାଲେ 'ଗୀତ, 'କନ୍‌ହେ ଟିପଲା ଗୁଲର୍ ଗୁଣ୍ଟି ରଙ୍ଗ ପିଆଲର ଫାଲେ ଫାଲେ, ବନ କୁକୁରର ଗେଲଫି ଗାଲେଟେରେ—ଚଉର ଶାଗେ କରଡ଼ ଭଜା ନେଉ୍ଥା ମହାର କାଲେ କାଲେରେ' । ଲେକେନ ହାମେ ତ ଲୁକେଁ ଇଲଣି ମାଛ ଖାଇଛୁଁ, ଟିଁଟିଥି କଁଟା ଅଲହିଁନଚ, ଟପୋ ଟପୋ ଗଲୁଛେ । ଗିଲମି ବସୁଲେଁ ଗିଲା ନାଇଁ ହେବାର, ଉକଲମି ବସୁଲେଁ ଉକଲେଁ ନାଇଁ ହେବାର । ହାମେ ଚଉର ଶାଗ ଆର କରଡ଼ ଖିଆ ଲୁକ କାଣା ଇଲଣ ମାଛ ଖାସୁବାର ଲାଲଚ ରଖିଥିଲୁଁ ବଲି ଆୟୁକ ଏନ୍ତା ଛଟପଟୋଛୁଁ ? କି ହାମର ଅଜାଣ୍ତକେଁ ହାମକେ ହେଁ ମାଛ ଖୁଆ ହେଇଛେ ?

ହାମର ଝୁନେ ପଣ୍ଡିତ ତାକର ମୁହେଁ କହୁଛନ, 'ବଙ୍ଗ ପ୍ରଦେଶରେ ସଂଯୁକ୍ତ ହେଲେ ଅଧିକ ସୁବିଧା ଓ ସୁଯୋଗ ଲଭ ଆଶାରେ ମଧ୍ୟପ୍ରଦେଶରୁ ବିଛିନ୍ନ ହେବାକୁ ଲୋକେ ଚାହୁଁନଥିଲେ ।" (୧) ସେନ ଫ୍ରେଜର ସାହେବ ମଧ୍ୟପ୍ରଦେଶର ଚିଫ୍ କମିଶନର ଥିଲା ବେଲେଁ ତାହାକୁ ଫୁସଲ୍ ଫୁସଲ କରି ଆର ପଟି ପଢ଼େଇଁ କରି ସମଲପୁର ଆରୁ ପାଁଚଟା ଗଡ଼ଜାତ ପାଟନା (ବଲାଁଗିର), ବାମରା, ସୋନପୁର,

କଳାହାଣ୍ଡି ଆଉ ବରଗଡ଼ାଖୋଲକେ ସେ ବେଲର ଓଡ଼ିଶା ଡିଭିଜନର ଶାସନେଁ ରଖାଗଲା, ସେ ଫ୍ରେଜର ଲେଖିଛନ—'if anything they much preferred the Central Provinces Govenrment to that of Bengal. But they could not tolerate the loss of their mother tongue—' (2)

ଦେଖେଲେଁ, ଫ୍ରେଜର ସାହେବ ଯେବେବେଲେଁ ସମ୍ବଲପୁର ଜିଲାର ଗାଁ ମାନକର ମଧେ ଟଙ୍ଗ୍ ଟା ଜାଣା ଆସୁ ସେ ଦେଖନ୍ତି ଜହାଁକେ ଆସିଥିଲେ, ତାହାଙ୍କ ଆଗେଁ କଟକ ଅଞ୍ଚଳର ଗୁଟେ ଲମ୍ବା ଉଡ଼ନା ଦେଇ ବାମହଣ ଭୁଇଁକେ ଠିଆ ହେଇ ହେଲା । ଫ୍ରେଜର ବଡ଼ ଭଦ୍ରଲୋକ । ସେ ଜାଣା 'ଉଡ଼ନା ହାଟ' ନେଇଛେ, ତମହର ଟଙ୍ଗ୍ ଟିକେ ଦେଖମି' ବଲଛେ ? ସମ୍ବଲପୁର ସହରର ଝୁନା ବେଳେ ଶିକ୍ଷିତ ଲୋକ ଯାହା ବତାଲେ ସେଟାହିଁ ସତ ବଲି ସେ ଭାବଲେ । ତାକର ମନେ ଗାଢ଼କ ପଡ଼ିଥିଲା ସେ ନସ ଉକୁଁଲ ସହରନେ, ଜୟପୁରୁ କସାନ, ଖଧାଲ ଦେଖି ଆଉ ସମ୍ବଲପୁରର ଗାଁ ଗଉଁଳର ମାମଲା, ଅନପଢ଼ ଲୋକଙ୍କୁ ଡାକି କରି ତାକର ଟଙ୍ଗ ଦେଖିଥିଲେ ? ସମ୍ବଲପୁରର ସହରିଆ ଶିକ୍ଷିତମାନକର ନାକକେ ତ ସେହିଁ ଗୋଁ କାଟ ଅନପଢ଼ମାନକର ଟଙ୍ଗ୍ ଗଁଧୁଥିଲା । ସେମାନକର ଭାଷାଟା ତ 'ଜଦର୍ଯ୍ୟ ଦଶାପନ' ଓଡ଼ିଆ ଭାଷା ବଲି ଭାଷାତତ୍ତ୍ୱବତ୍ କଟକିଆ ପଣ୍ଡିତ ନୀଳମଣି ବିଦ୍ୟାରତ୍ନ ସମ୍ବଲପୁରର ଶିକ୍ଷିତ ମାନକେ ୧୮୯୧ ମସିହାଥୁଁ ପାଠ ପଢ଼େଇ ସାରିଥିଲେ । ୧୯୦୧ ମସିହାର ଅକ୍ଟୋବର ୨୭ତାରିଖ ଦିନ ଫ୍ରେଜର ସାହେବ ସମ୍ବଲପୁର ଦୌରା କରିଥୁଁ ହିନ୍ଦୀ ଉଠେଇ କରି ଓଡ଼ିଆ ଚଲିବାର କାଜେ ଯେନ ଅର୍ଜି ଲାଟ୍ ସାହେବକେ ପଠାଥିଲା, ସେଟା ଦେଖନ୍ତି ଜହାଁକେ ସମ୍ବଲପୁରେଁ ପୁହଁଚଲେ । ସମ୍ବଲପୁରର ଭାଷା ସମସ୍ୟା ଟିକେ ସରଗରମ କରିବାର କାଜେ କଟକିଆ ପଣ୍ଡିତ ନୀଳମଣି ବିଦ୍ୟାରତ୍ନ ସେଗାନେ ନେବଲାଣ୍ଡି ବାହାର କରୁଥିଲା, ସେଥିରେ ଁ ଘଟନାକେ ନେଇକରି ଲେଖା ହେଇଥିଲା ସେ ଫ୍ରେଜର ସାହେବକେ "ସମ୍ବଲପୁରରେ ବିପୁଳ ଅଭ୍ୟର୍ଥନା ଦିଆଗଲା —ତାଙ୍କର ଯିବା ବାଟରେ ଠାଏ ଠାଏ ସୁସଜ୍ଜିତ ତୋରଣ ତିଆରି ହୋଇଥିଲା । ବିପୁଳ ଜନସମାବେଶରେ ସମ୍ବଲପୁର ସହର ଉଚ୍ଛୁଳ ଉଠିଲା । କୁହାଯାଉଛି, "ମାନ୍ୟବର ଫ୍ରେଜର ମହୋଦୟ ଯହିଁ ଯହିଁ ଗଲେ ସେଠାରେ ଓଡ଼ିଆମାନଙ୍କର ହୃଦୟ ନିହିତ ମର୍ମାନ୍ତିକ ବେଦନାଜନିତ ଆର୍ତ୍ତନାଦ ଶ୍ରବଣ କଲେ । ଓଡ଼ିଆଙ୍କର ଦୁଃଖରେ ତାଙ୍କର ହୃଦୟ ବିଚଳିତ ହେଲା ।"

ସମଲପୁର କଟକ ଥୁଁ ଓଡ଼ିଆ ଉଠିଯାଇକରି ହିନ୍ଦୀ ଚଲୁଥିଲା ବଲି ହେଁ ନୟନ ଆର୍ତ୍ତନାଦ ଫ୍ରେଜର ସାହେବ ଶୁନଲେ, ସେଟା ଯଦର୍ପି ଷ୍ଟେପ୍ କରି ହେଇ ପାରିଥିଲା ତ ଜନା ପଡ଼ୁଥିଲା, ସେ ଆର୍ତ୍ତନାଦ ଭିତରେ ଶୁଦ୍ଧ ଓଡ଼ିଆ ଭାଷାର ଶୋକ କାମୋଧି ସାଗରୁଁ 'କଟକିଆ କୁଆମାନେ ଗାଁଉଛନ, ବୋଉଲେ, ହିନ୍ଦୀ ଆମ ଲେଖାନକାଣ୍ଡ ବେଉସା ବୁଡ଼ଉଇଲା । ହେଲେଁ କୁଭୁଁଷିଆ ଓଡ଼ିଆଭାଷୀ କଟକିଆ ମାନେ ହେଁ ଭାଷା ଆନ୍ଦୋଲନ କୁଡେରଥି ବେଁଟ କରିଥିଲେ ସମଲପୁରର ଓଡ଼ିଆ ପଢ଼ୁ ସାଦାସିଧା, ଘୁଟ ଲୋକମାନକେ ଆନ୍ତୁ ସେ କୁଡେରଥି କୋଶଲ, କୋଶଲ-ବାସୀ ଆରୁ କୋଶଲୀ ଭାଷାକେ କାଟ୍‌ବାର ଚେତେଷ୍ଟା କରିଥିଲେ ।

ଫ୍ରେଜର ସାହେବ ତଦନ୍ତ କଲାବେଲେଁ ସମଲପୁରର ଡିଷ୍ଟ୍ରିକ୍ଟ କାଉନସିଲର ଶ୍ରୀଯୁକ୍ତ ବ୍ରଜମୋହନ ପଟ୍ଟନାୟକ ସାକ୍ଷୀ ଇଥିର ଦେଲେ, "ସମ୍ବଲପୁରବାସୀଙ୍କର ଭାଷା କେବଳ ଯେ ଓଡ଼ିଆ, ଏପରି ନୁହେଁ, ସେମାନଙ୍କର ଆଚାର-ବ୍ୟବହାର, ଖାଦ୍ୟ-ପାନ ସବୁ ଓଡ଼ିଆ ।" (ଉଦ୍ୟ : ପ୍ରଫୁଲ୍ଲ କୁମାର ତ୍ରିପାଠୀ ଯେନ ଦଶହଜାର ଶବ୍ଦ ଭାକର ସମଲପୁରୀ ଶବ୍ଦକୋଷରୁଁ ଦେଇଛନ ସେ ସବଯାକ ଶୁଦ୍ଧ ଓଡ଼ିଆ, ହେଁ ସବଯାକ ସେ କଟକ, ପୁରୀ ଆର ବାଲେଶର ଆଡ଼ୁଁ ବୈଁଟି ଅନିଛନ । ଆରି ନୂଆଁଖାଇ, ପୁଷପୁନି ଆଦି ତିହାର ଆଘ ହେଁ ଅତେଁ ଲୁକ ମାନୁଥିଲେ, ସମଲପୁର (କୋଶଲ) ଆଡର ଲୁକେ ହେଁ ଆଜର ଦେଖାଶିଖା ହେଁ ତିହାରମାନ ମାନସନ । ଡାଲଖାଇ, ନଚ୍‌ନ୍ୟାଚଡ଼, ରସରକେଲି, କର୍ମା ଆଦି ଗୀତନାଚମାନ ଆଗ ପୁରୀ ମନ୍ଦିରର ଦେବଦାସୀମାନେ ଗାଉଥିଲେ ନାଚୁଥିଲେ, ପୁରୀର ପଣ୍ଡା ଆର ମାନେ ମନ୍ଦିରଥୁଁ ମାଦଲ୍ ବଜେଇ କରି ମାହାପୁରର ଆଗେଁ ନାଚୁଥିଲେ । ସମଲପୁର (କୋଶଲ) ଆଡର ଦେଓ୍ବାବେଣ୍ଡିମାନେ ଓଡ଼ିଶାର ଜଗନାଥ ଦର୍ଶନ କରବାକେ ବେଲେଁ ସେନୁ ହେଁ ସବ ଶିଖି କରି ଆସିଥିଲେ ।)

'ସମ୍ବଲପୁର ହିତୈଷିଣୀ' ଫ୍ରେଜର ସାହେବର ତଦନ୍ତ ନେଇ କରି ଅଧିକ ଲେଖିଥିଲା, ଫ୍ରେଜର ସାହେବ ସମ୍ବଲପୁରର ଅନ୍ୟାନ୍ୟ ଭଦ୍ରବ୍ୟକ୍ତିଙ୍କୁ ଓଡ଼ିଆ ଭାଷାର ପ୍ରଚଳନ ବିଷୟରେ ପଚାରିଲେ । ସେ କହିଲେ, 'ବ୍ରଜମୋହନ ବାବୁ ଯାହା କହି ଅଛନ୍ତି ତହିଁରେ ସମସ୍ତେ ସମ୍ମତ କି ନାହିଁ ? ବାବୁ ସତ୍ୟବାଦୀ ପାଢ଼ୀ କହିଲେ, ସମ୍ବଲପୁରରେ ହିନ୍ଦୀ ଭାଷା ପ୍ରଚଳିତ ହେବାରୁ ସମ୍ବଲପୁରବାସୀ ସକଳ ଓଡ଼ିଆ ଦୁଃଖିତ ଅଛନ୍ତି । ଆପଣ କଷ୍ଟ ସ୍ୱୀକାର କରି ହିନ୍ଦୀ ଭାଷା ପ୍ରଚଳନର ଅସୁବିଧା

Scanned by CamScanner

ବିଷୟରେ ତଦନ୍ତ କରିଥିବାରୁ ଆପଣଙ୍କୁ ଧନ୍ୟବାଦ ପ୍ରଦାନ କରୁଅଛୁଁ ଏବଂ ଈଶ୍ୱରଙ୍କଠାରେ ପ୍ରାର୍ଥନା କରୁଅଛୁଁ ଯେ ଈଶ୍ୱର ଆପଣଙ୍କୁ ଗଭର୍ନର ଲାଟ୍ କରନ୍ତୁ । ଆମ୍ଭେମାନେ ଆନନ୍ଦିତ ହେବୁଁ । ଓଡ଼ିଶାରେ ସମ୍ବଲପୁର ଯୁକ୍ତ ହେଲେ, ସମ୍ବଲପୁରବାସୀମାନେ ଓଡ଼ିଶାର ଓଡ଼ିଆଭ୍ରାତା ମାନଙ୍କ ସଙ୍ଗେ ରହି ଅନେକ ଉନ୍ନତି ସାଧନ କରିବେ ।"

(ହିତୈଷିଣୀ, ଅକ୍ଟୋବର ୧୬ ? ତାରିଖ ୧୯୦୧, ପୃ ୯୮) (୩)

ହେଁ, ଜର ସାହେବ ଲାଟ୍ ଭି ହେଲେ ଆଉ ସମ୍ବଲପୁର ଭି ଓଡ଼ିଶାଥିଁ 'ଯୁକ୍ତ' ହେଲା, ଯୁକ୍ତ ହୋଇ ରହିଛେ । ସମ୍ବଲପୁର ସମେତ ସାରା କୋଶଳ ଖଣ୍ଡଟା ଓଡ଼ିଶାର 'ଯୁକ୍ତ' ପଟେ ହେଉ, ସମ୍ବଲପୁର କୋର୍ଟ କଚେରୀରୁ ହିନ୍ଦି ଭାଷାକେ ଉଠିଯାଉ, ଓଡ଼ିଆ ଭାଷାଥିଁ ଅର୍ଜିପାତ୍ର, ଦଲିଲ ଆଦି ଲେଖାହେଉ—ଏନ୍ତା ବଲି ସମ୍ବଲପୁର ସହରର ଶିକ୍ଷିତ ଲୁକେ ବଡ଼ଲାଟ ଲଗେ ଦରଖାସ୍ତ କରିଥିଲେ ୧୮୯୫ ଜୁନ ୧୩ ତାରିଖ ଦିନ । ସର୍କାର କିଛି ନାଇଁ ଶୁନଲେ । କାଁ କରି କହୁଥିଲେଁ, ମଧ୍ୟପ୍ରଦେଶ ସର୍କାର କହେ କରି ଜାନଥିଲେ ଯେ ୧୮୬୦-୬୧ ମସିହାଥିଁ ସମ୍ବଲପୁର ଜିଲା ପ୍ରାୟ ବର୍ଷ କର ଲାଗି ଓଡ଼ିଶାଥି ମିଶିବାର ଆଗୁଁ ଓଡ଼ିଆ ଭାଷା ସମ୍ବଲପୁର କୋର୍ଟ କଚେରୀର ଭାଷା ନାଇଁ ଥାଇଁ ।

ନାଇଁ ଥାଇ କହୁଥିଲେଁ କେନ ଭାଷାଟା ରାଜଭାଷା ଥିଲା ? ୧୭୮୧ ମସିହାଥିଁ ସମ୍ବଲପୁରର ରଜା ଜୟନ୍ତ ସିଂ ସାରଙ୍ଗଗଡ଼ ରଜାକେ ସରିଆ ପର୍ଗନା ପୁରସ୍କାର ଦେଇଥିଲେ । ସେଥିର କାଗଜ ଯେନ ତାମ୍ରପଟା ଦିଆ ହେଇଥିଲା ତାର ଭାଷା ଥିଲା ହିନ୍ଦୀ । (୪) ୧୮୫୯ ମସିହା ଥିଁ କଲାହାଣ୍ଡି ରଜା ସମ୍ବଲପୁରର ତ୍ରିଲୋଚନ ସୁଆରକେ ଯେନ 'ମୁକ୍ତାରନାମା' ଦେଇଥିଲେ ସେଥିର ଭାଷାଭି ଥିଲା ହିନ୍ଦୀ । (୫) ତଲାସ କଲେଁ ଏନ୍ତା ହିନ୍ଦୀ କାଗଜ ପତର ବହୁତ ବାହାରବା ।

ହେଲେଁ, ୧୮୬୦-୬୧ ସାଲେଁ ସୁରେନ୍ଦ୍ର ସାଏ ବିଦ୍ରୋହର ମୁକାବିଲା କରବାର କାଜେଁ ସୁବିଧା ହେବା ବଲି ସମ୍ବଲପୁରର ଶାସନ ଭାର ଛୋଟନାଗପୁର ଡିଭିଜନ ଥିଁ ଓଡ଼ିଶା (କଟକ) ଡିଭିଜନକେ ବ୍ରିଟିଶ ସର୍କାର ଡେଇଗଲା ଦେଲେ । ଯେନ୍ତା ଡ଼େଇଗଲେ କି, "On the transfer of the district to Cuttack Division, where language was Oriya, the Commissioner

directed that Oriya alone should be used (in the Court) and in order to ensure this he had to import Officials from Cuttack. (5)

ବାର ବରଷ୍ଟାକେ ହିନ୍ଦୀ ଭାଷା ଚେକାପି ଅଉର ଓଡ଼ିଆ ଭାଷା ଶୁଖାପି । ବୀର ସୁରେନ୍ଦ୍ର ସାଏ ହେତେବେଲେଁ ଉଲଗୁଲାନ କରୁଥିଲେ । ସମଲପୁରେ ଓଡ଼ିଆ ଭାଷା ଚଲଲେଁ ବୀରଭଏକେ କ୍ଷୁଣେଁ ହେବା, ଇ ଆଶା କରି ସର୍କାର ଓଡ଼ିଆକେ ରାଜଭାଷା କଲେ ଆଉର ସମଲପୁରର ଅନେକ ଜାଗାଥିଁ ଓଡ଼ିଆ ଇସ୍କୁଲମାନ ଖୁଲଲେ, କଟକ ଆଉର୍ ଓଡ଼ିଆ ଭାଷୀ ମାଷ୍ଟରମାନକେ ସେ ଇସ୍କୁଲମାନକେଁ ମୁକରର କଲେ । ସୁରେନ୍ଦ୍ର ସାଏ ଆତ୍ମସମର୍ପନ କରୁନ ବଲ ୧୮୬୨ ମସିହା ମେ ମାସର ଅଣ୍ଟାଇଶଥିଁ ଯେନ ଚିଠି ସମଲପୁରର ଡେପୁଟି କମିଶ୍ନର ଇମ୍ପେ ସାହେବର ଅଫିସକୁ ଆଇଥିଲା ତାର ଭାଷା ଥିଲା ଓଡ଼ିଆ ତାକ୍ରିଥିଁ ହିନ୍ଦୀ ଉର୍ଦ୍ଦୁ ଶବ୍ଦର ଫୁଲ ବସୁଲେଁ ଚଲବା । ତାର ଲେଖନକାର ଥିଲେ କୃଷ୍ଣଚନ୍ଦ୍ର ଦାସ ଆଉର ପେଶକାର ଥିଲେ ନାରାଏଣ ପଟ୍ଟନାୟକ—ଦୁହିଝନ ଓଡ଼ିଆ, ସାଏତ କଟକିଆ । ଚିଠିର ଅକ୍ଷର—ଓଡ଼ିଆ କରନ ଯେନଟା ଥିଲା ସେ ସମିୟା ଥିଁ କଟକିଆମାନଙ୍କର ଏକଚୁଟିଆ କରାମତ ।

ଯାହାହେଉ, ମଧ୍ୟପ୍ରଦେଶ ସର୍କାର ୧୮୯୭ ମସିହାଥିଁ ସମଲପୁର କୋର୍ଟ କଚେରିକୁ ଓଡ଼ିଆ ଭାଷା ଉଠେଇ କରି ଆଘର ରାଜଭାଷା ହିନ୍ଦୀ ଚଲଲେ । ସର୍କାର ଯେନ କଥାମାନ ବହୁରକେ ନେଇ କରି ହିନ୍ଦୀ ଭାଷା ଚଲଲେ, ସେଟାମାନ ହେଲା—
1- Oriya was far from being the language in exclusive use in Sambalpur. 2- Hindi was the vernacular of one fifth of the people. It was spoken and used officially to a considerable extent both by the officials and the people. Further its use was spreading along the railway line. 3- Moreover the Oriya of Sambalpur as believed by the authorities was not identical with Orissan Language. It was purely a local dialect with a considerable admixture of Hindi or Chhatishgarh. (7)

Scanned by CamScanner

ମାତର୍ ଜେନ ଭାଷାଟାକେ 'purely local dialect' ବଲି ସେତେ-ବେଲେ ସର୍କାର ଦେଖେଇଥିଲେ, ସେଟାକେ ସମ୍ବଲପୁରର ଶିକ୍ଷିତ ଲୋକେ 'ସମ୍ବଲପୁର ହିତୈଷିଣୀ' ପତ୍ରିକାର କଟକିଆ ଓଡ଼ିଆପ୍ରେମୀ ସମ୍ପାଦକ ମାନଙ୍କ ହେଡ୍-ମାଷ୍ଟରର ପଛିଥିଁ ପଡ଼ିକରି 'ଦୟନୀୟ ଦଶାପନ୍ନ' ଓଡ଼ିଆ ଭାଷା ବଲି ଭାବ ଥିଲେ । ସାଏତ ହେଁଥିର୍ ଲାଗି "ଦେବଗଡ଼ରୁ ପ୍ରକାଶିତ 'ସମ୍ବଲପୁର ହିତୈଷିଣୀ' ପତ୍ରିକା ମାଧ୍ୟମରେ ସମ୍ବଲପୁର ବାସୀଏ ଆନ୍ଦୋଳନ ଚଲାଇଲେ ।" (୮)

ହେଁ ଆନ୍ଦୋଳନ ସେତେବେଲର ସମ୍ବଲପୁରି ଜନତା ନାଇଁ କରି, କରିଥିଲେ ମୁଖାପିଁଧା କଟକିଆ ଓଡ଼ିଆଭାଷୀ, ନିହିତସ୍ୱାର୍ଥ ଗୋଷ୍ଠୀ । ସମ୍ବଲପୁରି ଜନତାର ଶତକଡ଼ା ପ୍ରାୟ ୯୦ ରୁ ୯୫ଭାଗ ସେତେବେଲେ ନିରକ୍ଷର ଥିଲେ । ହେଁ ନିରକ୍ଷର ମୁରୁଖମାନକର ପକ୍ଷେଁ ହିନ୍ଦୀ ଯାହାଥିଲା, ଓଡ଼ିଆ ତାହା ଥିଲା । ହେଁମାନେ ତ ଏଖେଁ ନିରକ୍ଷର, ସେଥିଁ ଫେର୍ ହେଁମାନକର ମାତୃଭାଷା ଭି ହିନ୍ଦୀ ନାଇଁ ଥାଇଁ କି ଓଡ଼ିଆ ନାଇଁ ଥାଇଁ, ସେଟା ଥିଲା ସମ୍ବଲପୁରି (କୋଶଲି) । କଟକିଆମାନକର ଆତ୍ମମୁକ୍ତ୍ୟାର ନୀଳମଣି ବିଦ୍ୟାରତ୍ନର ପଛିଥିଁ ପଡ଼ି କରି ସମ୍ବଲପୁରର ଜେନ ଝନାକେତେ ଓଡ଼ିଆ ଶିକ୍ଷିତ ଲୋକ ହେଁ ଭାଷା ଆନ୍ଦୋଳନ କଲେ, ହେଁମାନକର ମାତୃଭାଷା ଭି ଥିଲା ସେହି ସମ୍ବଲପୁରି (କୋଶଲି), ଜେନଟାଥିଲା ସେମାନକର ଟୁଣ୍ଡର ଭାଷା । ଓଡ଼ିଆ ଭାଷା ସେମାନେ ନାଇଁ କହୁଥାଇ, କହୁଥିଲା ସେମାନକର କଲମ । କଲମର ଭାଷାଟାକେ ସେମାନେ ମାତୃଭାଷା ବଲି ଭାବଲେ, ସିଏଁ ଜେନଥେଇ ମାଁ କଲମ ଧରେଇଁ କରି ଭାଷା ଶିଖାଏସି !

ଜ ଜେନଟାକେ ସମ୍ବଲପୁରର 'ଭାଷା ସଙ୍କଟ' କି 'ଭାଷା ଆନ୍ଦୋଳନ' କହା ଲେଖା ହେଇ ଆସୁଛେ ଆରୁ ଯାର ଫଲ ହେଲା ଓଡ଼ିଶା ସାଁଗେ ସମ୍ବଲପୁର (କୋଶଲ)ର ଯୋଡ଼୍, ସେଟାକେ ଓଡ଼ିଶା ଅଲଗ ପ୍ରଦେଶ ଗଢ଼ବାର 'ମୁଲଭିତ୍ତି' ବଲି ନାମର ସମ୍ବଲପୁରର ଝନେ ଅଧେ ବିଦ୍ୱାନ୍ ସମ୍ବଲପୁରର ବାହାଦୁରି ମାରୁଛନ । (୯) ଇମାନେ ପଣ୍ଡିତ ଆରୁ ଶିକ୍ଷିତ; ହେଲେଁ ଭି, ସ୍ୱାଧୀନ ଚିନ୍ତା ନାଇଁ କର୍ବାର । ଓଡ଼ିଆ ଭାଷୀମାନେ ତାକର ଅଲଗ ପ୍ରଦେଶ ପାଇଲେ, ସମ୍ବଲପୁର (କୋଶଲ) ସେମାନକର ଗୁଟେ ଜମିଦାରି ହେଲା । ସେମାନେ ସମ୍ବଲପୁରିଆମାନକେ ଟିକେ ଟେକାଟେକ କର୍ବାର (ଆରୁ ଟେକି କରି ଛାଡ଼ି ଦେଲା ଉତ୍ତୁଁ ସମ୍ବଲପୁରିଏ ତଲେଁ ଚିତ୍‌ମୁସ ହେଇ ପଡ଼ିଗଲେଁ ସେମାନକର ଉପ୍ରେ ଢୁଡା ଚଢ଼ବାର)

Scanned by CamScanner

ଗୁଟେ ମାମଲି କଥା । ୧୯୭୩ ସାଲେଁ ଉତ୍କଳର ମହତାବ ଲେଖିଥିଲେ, "ଓଡ଼ିଆ ଭାଷାରକ୍ଷା ଆନ୍ଦୋଲନ ପ୍ରଥମେ ସମ୍ବଲପୁରରେ ଆରମ୍ଭ ହେଲା ଓ ଶେଷରେ ଜୟଯୁକ୍ତ ହେଲା । ସମ୍ବଲପୁର ଆଗେ ଓଡ଼ିଶା ପ୍ରଦେଶ ଗଠନର ପଥ ସୁଗମ କଲା । × × କ୍ରମେ କ୍ରମେ ସମ୍ବଲପୁର ଓଡ଼ିଶାର ମସ୍ତକମଣି ହେବାକୁ ଯାଉଛି ।" (୧୦) ଇ କଥାଟାକେ ଖିଁ ହାମର ସମଲପୁରର ବିଦ୍ୱାନ ପାଲିଆ ଧଏଲ୍ ବାଗିର୍ ଲେଖିଛନ । ଲେକିନ ଓଡ଼ିଆ ଭାଷା ରକ୍ଷା ଆନ୍ଦୋଲନ ୧୮୬୦ ବେଲେଁ ସରିଯାଇ ଥିଲାନ ବଲୁଲେଁ ଚଲବା । ୧୮୬୬ ମସିହାଏଁ ଗୌରୀଶଙ୍କର ରାୟ 'ଉତ୍କଳ ଦୀପିକା' ଖବର କାଗଜ ବାହାର କରିଥିଲେ ଆର ୧୮୭୦ ସାଲେଁ କାନ୍ତିଚନ୍ଦ୍ର ଭଟ୍ଟାଚାର୍ଯ୍ୟ 'ଉଡ଼ିଆ ସ୍ୱତନ୍ତ୍ର ଭାଷା ନହେ' ବହି ବାହାର କରିଥିଲେ ଭ ଯେଉଁବର୍ଷ ଭାଷାବିତ୍ ଜନ ବୀମସ ଓଡ଼ିଆ ଗୁଟେ ସ୍ୱତନ୍ତ୍ର ଭାଷା ବଲି କଲକତାର ରୟେଲ୍ ଏସିଏଟିକ ସୋସାଇଟି ସଭାଏଁ ବକ୍ତୃତା ଦେଇଥିଲେ । ଓଡ଼ିଆ ଭାଷା ରକ୍ଷା ପାଇଥିଲା । ତ, ଆଗ ସମଲପୁରେଁ ଓଡ଼ିଆ ଭାଷା ରକ୍ଷା ଆନ୍ଦୋଲନ ଆରମ୍ଭ ହେଲା ବଲିବାରଟା ହୁଗ୍ଗା ଭୁଲ୍ କଥା । ଫେର୍, ବାଲେଶ୍ୱରର ରାଜା ବୈକୁଣ୍ଠନାଥ ଦେ ବଙ୍ଗଦେଶର ଲାଟ କାଉନସିଲ ସଭ୍ୟ ଭାବେଁ ୧୮୮୩-୧୮୮୬ ମସିହା ଭିତ୍ରେ ଦାବି କରି ସାରିଥିଲେ ଯେ ଓଡ଼ିଶାକେ ଅଲଗ ପ୍ରଦେଶ କରାଯାଉ । ସମଲପୁରର ଭାଷା ଆନ୍ଦୋଲନଟା ଓଡ଼ିଶା ଅଲଗ ପ୍ରଦେଶ ଗଢ଼ିବାର ବାଟେଁ ନେଇ ଯିବା ବଲିବାରଟା ଖାଲି ଆତ୍ମ ପ୍ରବଞ୍ଚନା ଆୟ, ସମଲପୁରି (କୋଶଲି) ଭାଷାକେ ଲୁଚି ଦେବାର ଲାଗି ଇଁ ଭାଷା ଆନ୍ଦୋଲନ କବର କୁଡ଼ଲା ବଲୁଲେଁ ଠିକ ହେବା ।

ସମଲପୁରର କୋର୍ଟ କଚେରିଁ ଓଡ଼ିଆ ଉଠି କରି ହିନ୍ଦୀ ଚଲବାରଟାକେ ଗୁଟେ 'ଇସୁ' କରି ଭାଷା ଆନ୍ଦୋଲନ କରା ହେଲା ଆର ସମଲପୁର (କୋଶଲ) ଖଣ୍ଡକେ ମଧ୍ୟପ୍ରଦେଶରୁ ଅଲଗେଇ କରି ଓଡ଼ିଶା ସାଂଗେ ଯୁଡ଼ାଗଲା । ଇଁଟା କାର ସ୍ୱାର୍ଥ ଲାଗି କରାଗଲା ? ସମଲପୁରର କମୁରୁ କହାନ, ଖଧାଲ ଖେତ, ଘରଯୁଗି ଘିଁଷିଏନ ବାଗିର ଯେନ ଲାଖ ଲାଖ ଲୋକ (ପଣ୍ଡିତ ନୀଳମଣି ବିଦ୍ୟାରତ୍ନଙ୍କର ନଜର ଆର ଭାଷାଏଁ 'ନିମ୍ନଶ୍ରେଣୀ'ର ଲୋକ) ଆପନାର ମାତୃଭାଷାର କୁଲେଁ, ଆପନାର ଜମିନ ଟୁକରେ ଟୁକ୍ରେ ନେଇ କରି ଆପନାର ଦେଶେଁ ଦୁଖଭୁଖି କରି ବଁଚିଥିଲେ, ସେମାନଙ୍କର ଭାଷା, ସଁସକୃତି, ରହନ ସହନ ଉନ୍ନତି କରୁ ବଲି କରା ହେଇଥିଲା ? ହେମାନଙ୍କର ହିତ ହେବା ବଲି ଇଁ ଭାଷା ଆନ୍ଦୋଲନ କରାଗଲା ଆର ସମଲପୁର (କୋଶଲ) କେ ଓଡ଼ିଶାର ଲେଁଜ କରାଗଲା ? କି

Scanned by CamScanner

ଓଡ଼ିଆମାନଙ୍କର ସ୍ୱାର୍ଥ ଲାଗି କେଉଁ କାମ କରାଗଲା ? ଇ ବସ୍ତୁର କଲାବେଳେ ୧୮୯୬ ମସିହାର ଆଶପାଶ 'ବେଙ୍ଗଲ ଏଡୁକେସନ ଗେଜେଟ'ରୁ ବାହାରି ଗୁଡ଼ିଏ ଲେଖ ଦେଖିବାର ଲାଏକ ଆୟୁ । ସେଥିଁ ଲେଖା ହେଇଥିଲା, "× × ସମ୍ବଲପୁର ଓଡ଼ିଶାରୁ ବିଚ୍ଛିନ୍ନ ହୋଇ ଛିନ୍ନ ଶିଖା (? ଶାଖା) ପରି ବିଶୀର୍ଣ୍ଣ ହୋଇ ପଡ଼ୁଅଛି ।" (ସେଥେଁ ଯେମିତି ସମ୍ବଲପୁରଟା ସତଯୁଗୁଁ ଓଡ଼ିଶା ସାଁଗେ ଯୁଡ଼ି ହେଇ ରହିଥିଲା !) ସେହିସବୁ ଉତ୍କଳ ବ୍ରାହ୍ମଣ ଏବଂ କରଣ ସମ୍ବଲପୁର ବିଭାଗରେ ଉପନିବେଶ ସ୍ଥାପନ କରୁଥିଲେ ସେମାନେ ଏତେବେଳକୁ ମୂଳ ସମାଜରୁ ସମ୍ପୂର୍ଣ୍ଣ ରୂପେ ବିଚ୍ଛିନ୍ନ । ଶାସନ ବିଷୟରେ ଏକତା ନ ଥିବାରୁ ଗତାଗତ ସୁଦ୍ଧା ବନ୍ଦ ହେଲା । ଏଣୁ ପରସ୍ପର ମଧ୍ୟରେ ସାମାଜିକ ସମ୍ପର୍କ ମଧ୍ୟ ତିରୋହିତ ହେଲା । × × ସମ୍ବଲପୁର ଅଞ୍ଚଳର ବ୍ରାହ୍ମଣ ଓ କରଣମାନେ କଷ୍ଟିତ ହତଶ୍ରୀ ହୋଇ ଅଛନ୍ତି ଦେଖି ଦୁଃଖ ହୁଏ । ପୁଣି ମଧ୍ୟପ୍ରଦେଶରେ ହିନ୍ଦୀ ଓ ମରହଟ୍ଟା ଭାଷା ଅତି ପ୍ରବଳ । କେବଳ ସେହି ପ୍ରଦେଶର ଏକ କୋଣରେ ସମ୍ବଲପୁରରେ ଓଡ଼ିଆ ଭାଷା ପ୍ରଚଳିତ । ସୁତରାଂ ଭାଷା ଦିନକୁ ଦିନ ମଳିନତା ଲାଭ କରୁଅଛି ।

ଆପଣାର ନିଜ ଭାଷାରେ କଥା କହି ନ ପାରିଲେ ଭାବ ପରିସ୍ଫୁଟ ହୁଏ ନାହିଁ ଏବଂ ଦିନକୁ ଦିନ ମାନସିକ ଜଡ଼ତା ଉପସ୍ଥିତ ହୁଏ । ସମ୍ବଲପୁର ଭାଗ୍ୟରେ ଠିକ ଏହା ଘଟିଅଛି ।

ବର୍ତ୍ତମାନ ସମ୍ବଲପୁର ପୂର୍ବ ପରି ଦୁର୍ଗମ ନୁହେଁ ଅନାୟାସରେ ଏ ଜିଲ୍ଲାକୁ ଓଡ଼ିଶା ସଙ୍ଗରେ ସଂଯୁକ୍ତ କରାଯାଇପାରେ । ଗଭର୍ଣ୍ଣମେଣ୍ଟ ଏ କାର୍ଯ୍ୟ କଲେ ସହସ୍ର ସହସ୍ର ଉତ୍କଳବାସୀ ଉପକୃତ ହୋଇପାରିବେ । (୧୧)

କେଡ଼େ ସତ୍ କଥା ! ସହସ୍ର ସହସ୍ର 'ଉତ୍କଳବାସୀ'ର ଉପକାର ଲାଗି ଲକ୍ଷ ଲକ୍ଷ 'କୋଶଲବାସୀ'ର ଜିଭ କାଟି କରି କଟକ ଚାନ୍ଦିନୀଠାରେ ଭେଟି ଦେବାର ଦର୍କାର ଥିଲା । ସମଲପୁର (କୋଶଲ) ଓଡ଼ିଶା ବାହାରେ ଥିଲା ବଲି ଓଡ଼ିଆ ଭାଷାଟା ଦିନକେ ଦିନ ମୟଲା ପଡ଼ି ଯାଉଥିଲା । ହେଁଥିର ଲାଗି ସମଲପୁର (କୋଶଲ) କେ ଓଡ଼ିଶାର ଲେଁଜ ମିଡାଲ ଯୁଡ଼ ଦିଆଗଲା । ଯେନ ମାନକର ଜିଭ କଟାଗଲା ସେମାନକେ ଭି ସାଏତ କହାଗଲା "ତମନେ ସମଲେ ଦେବାର ଛୁରି କରୁଥିଲ । ଏଥର ମନେ ମନେ ସାର୍ଲ ଦେବାକେ ଛୁରି କର । ତମହର ନ ଥି

Scanned by CamScanner

ଜଡ଼ ପାହିଁଲେ, ଭାଷା ଶୁଦ୍ଧ ହେବା । ତନ୍ତର କସାନମାନେ 'କୃଷାଣ' ହେବେ, ଖେଣ୍ଡମାନେ 'ଷେଣ୍ଡି' ହେବେ, ସୁଆର 'ସୂପକାର' ହେବେ; ଧୂନଶର୍ ଆର ବହୁଦାର ଗୁହାଁବେ ତ 'ପୁରୁଷ ଶ୍ରେଷ୍ଠ' ଆରୁ ସ୍ତ୍ରୀ ସ୍ତବକଦାର ହେବେ ।"

ହେଲେଁ, କୁଡ଼େ ଗଛର ଅଗି ଚୁଛ ନଦେଲେଁ ଯେନଟା ପାହିଁଲବା ସେଟା ତ କଥା କେତକା ନାଇଁ ହେଇପାରେ । କୁଡ଼େ ଟେହ୍ନ ପାହିଁଲବା, ଧୂର୍ଲି ହେବା ଆର ସେହ୍ନି କୁଡ଼େ ଫୁଲ୍ ଫୁଟବା, କଥାକେତକା ନାଇଁ ଫଟେ । କସ୍ତୁରୁ କସାନ, ଖଧାଲ୍ ଖେଣ୍ଡ ଆର ଘରଯୁଗି ଘଁଷିଏନ. ତ ବିଲର ଶାଗ ଆର କନ୍ଦମୂଳ ଭଜା କାଲ କାଲ୍ ନେହଲ୍ ଖାଇ ଆସିଥିଲେ, ସେଥି ପହଦ ଥିଲେ, ସେଟା ସେମାନକର ବସ୍ତୁସିଦ୍ଧ । ସେମାନକେ ଇଲଶି ମାଛ ଖ ବସ୍ତୁଲେଁ କାଣା ଲାଗିବେ ? ତାକର ଜଭ ତ ସମଲେଇର ଭୁଞ୍ଜି ଖାଇ ଶିଖିଥିଲା, ନୂଆଁ ଜଭ ପାହିଁଲ କରି ସେହ୍ନି ସମଲେଇ ଭୁଞ୍ଜି ଗାମ୍ବୁଲା । ସମଲେଇ ଆର ସାର୍ଲ ବଡେନ ବଡେନ ହେଲେଁ ଭି କାଁ ହେଲା, ସେମାନକର ପୂଜା ଧଜାର ଗୀତ ରିବାଜ ଅଲଗା । ପଙ୍କଜ ବାସିନୀ ଦେବୀ ଉତ୍କଲ ଖାରଗର ପୂଜି ନାଭମାନକର ଲବଜ ଅଲଗା, ସୁଣ୍ଡୁକସ୍ତଗିନୀ ମାଁ । ସମଲେଇର ପୂଜି ଶ୍ରୀ ନାତନ ତେନମାନକର ଅଲଗା ।

କସ୍ତୁରୁ କସାନ, ଖଧାଲ୍ ଖେଣ୍ଡ ଆର ଘରଯୁଗୀ ଘଁଷିଏନମାନେ ଡ଼ାଲଖାଇ, ରସରକେଲି, ମାୟଲଜଡ଼ ଗାଉଥିଲେ, କର୍ମା ନାଚୁଥିଲେ । ତାକର ନାତସୁତ ନାତେନମାନେ ଭି ସେହ୍ନି ଗୀତ ନାଚ ଚଲେଇଛନ, 'ରଙ୍ଗବତୀ' ଗୀତ ଗାଉଛନ, ଲେଖୁଛନ । କସ୍ତୁରୁ କସାନ ଆର ଖଧାଲ୍ ଖେଣ୍ଡ ଘରେ ଯେନ ଭାଷା କହୁଥିଲେ ସେଟାକେ ଟକଆ ଇସ୍କୁଲ୍ ମାଷ୍ଟର ବାମଣ୍ଡାର ଦେବଟେଁ ଉଡ଼ିଆଭାଷୀ ଗଁର ବଜାରୀ ଭଜାର ପ୍ରସୂସା (କ ପର୍ଜାମାନକର ପସୁମା) ଥିଁ ଢିନାହେଲ୍ ଛପାଖାନାଥୁଁ ବାହାର୍ଲ 'ସମ୍ବଲପୁର ହିତୈଷିଣୀ' ଥି 'ନିତାନ୍ତ କଦର୍ଯ୍ୟ ଦଶାପନ୍ନ' ଉଡ଼ିଆ ଭାଷା ବଲି ଲେଖିକରି ସମଲପୁରର ଶିକ୍ଷିତ ଲୋକମାନେ କେତକର ମୁଣ୍ଡେ ଭି ହେଁ ଭାବନା ଡୁକେଇ ଦେଲା । ସେହ୍ନି କସ୍ତୁରୁ କସାନ ଆରୁ ଖଧାଲ୍ ଖେଣ୍ଡ ଘରର ପୁତନାତ-ନାତେନ ଖିଁଟେଲୁ, ଗେଥଲ, ଗୁଲଠୁ, ଘମୋ, ଚଏତୁ, ଗୁଁଟି, ଗୁଲୁ, ଖାଲୁ, ଟିକଲୁ, ବୁଦନ, ବେଁଢ଼ା, ସଁପୁର, ଲୁଏବାନ ଘରେମାନେ ଯେନ ଭାଷା କହୁଛନ, ତାକର ଲେଖକକାରମାନେ ଯେନ ଭାଷାଥିଁ ଗୀତ କବିତା କଥାନ, ଉପନ୍ୟାସ ପ୍ରବନ୍ଧ ଲେଖୁଛନ ସେଟା ତ ଜହ 'କଦର୍ଯ୍ୟ ଦଶାପନ୍ନ ଉଡ଼ିଆ' ହେଇଥିବା ? (ଯଦି

ଭି ବିଦ୍ୟାରତ୍ନର ବୁଆ ବାଗିର ଶ୍ୟାମା ବିଦ୍ୟାସାଗରମାନେ ଭି ଏବେ ମାନୁଛନ ଯେ ହେଁ ଭାଷା ସାହିତ୍ୟର 'ସ୍ୱାତନ୍ତ୍ର୍ୟ' ଅଛେ ।) (୧୨) ହେଲେଁ, ହେଁ ଭାଷାକେ 'ନିତାନ୍ତ କଦର୍ଯ୍ୟ ଦଶାପନ୍ନ' ହେଉଥାଉ ପଛେ ତାର 'ସ୍ୱାତନ୍ତ୍ର୍ୟ' ଅଛେ ଆଉ ହେଁ ଭାଷା ଇଛେନ କହୁଛନ କିଛୁ ନ ହେଲେଁ ଏକକୋଟି ଲୋକ । ଇ ମାନଙ୍କର ପୂର୍ବ ପୁରୁଷମାନଙ୍କର ସଂଖ୍ୟା ୧୯୦୧ ମସିହାର ଜନସୁମାରି ବେଲେଁ ଥିଲା ପ୍ରାୟ ୪୦ ଲକ୍ଷ—ଏକଲା ସମଲପୁର ଜିଲ୍ଲାଥିଁ । କଟକିଆମାନେ ତ ନୀଲମଣି ମାଷ୍ଟରକେ ଲଗେଇ କରି ଶିକ୍ଷିତ ସମଲପୁରିମାନଙ୍କର ମୁଣ୍ଡେ ଭୁଲ ଭାବନା ଭୁର୍କି ଦେଇଛନ ଯେ ସମଲପୁରର ଲୋକ ଯେନ ଭାଷା ଅଠିପର ବେଭାର କର୍ସନ ସେଟା 'କଦର୍ଯ୍ୟ ଦଶାପନ୍ନ ଓଡ଼ିଆ' ଭାଷା । ଶିକ୍ଷିତ ବଙ୍ଗାଲିମାନଙ୍କର ଭିତୁଁ କେତେଜଣ ୧୮୬୦-୭୦ ମସିହା ବେଲେଁ ଭାବୁଥିଲେ ଯେ ଓଡ଼ିଶାର ସାନ୍ତାଲ, ଗଣ୍ଡ ଆଦି ଅନାର୍ଯ୍ୟ, ଅସଭ୍ୟ ଜାତିର ଲୋକମାନଙ୍କର ସଂପର୍କଥିଁ ବଙ୍ଗଲା ଭାଷାଟା ଅପଭ୍ରଷ୍ଟ ଆଉ କଦର୍ଯ୍ୟ ହେଇଗଲା; ସେଟାକେଁ ଓଡ଼ିଶାର 'ଓଡ଼ିଆ ଭାଷା' । କାନ୍ତିଚନ୍ଦ୍ର ଭଟ୍ଟାଚାର୍ଯ୍ୟ ତାଙ୍କର 'ଓଡ଼ିଆ ସ୍ୱତନ୍ତ୍ର ଭାଷା ନହେଁ' ବହିଥି ଲେଖିଥିଲେ, "ବାଲେଶ୍ୱର ନିକଟବର୍ତ୍ତୀ ଶୈଳଗିରି ନିବାସୀ ସାଁତାଳ ଓ ଗଣ୍ଡ ପ୍ରଭୃତି ଅସଭ୍ୟ ପାର୍ବତ୍ୟ ଜାତିମାନଙ୍କ ସଂସ୍ରବରେ ବାଲେଶ୍ୱର, କଟକ, ପୁରୀ ପ୍ରଭୃତି ସ୍ଥାନର ଅଧିବାସୀମାନଙ୍କର ଭାଷା ବିକୃତ ହୋଇଛି × × ଅତି ରୁକ୍ଷ, କର୍କଶ, ଅଶୁଦ୍ଧ, ଅପଭ୍ରଷ୍ଟ ଓ ସପ୍ରନାସ୍ଥି କଦର୍ଯ୍ୟ ହୋଇ ପଡ଼ିଛି ।" (ପୃ: ୧୫୯-'ଓଡ଼ିଆ ଭାଷା ଆନ୍ଦୋଳନ') କାନ୍ତିଚନ୍ଦ୍ର ଭଟ୍ଟାଚାର୍ଯ୍ୟ ଓଡ଼ିଆ ଭାଷାଟା ଅଲଗ ଭାଷା ନୁହେଁ, କଦର୍ଯ୍ୟ ବଙ୍ଗଲା ବଲି କହିଥିଲେ; ତାଙ୍କର ସଚ୍ଛିଷ୍ୟ ବାଗିର ନୀଲମଣି ବିଦ୍ୟାରତ୍ନ ଭି ତାଙ୍କର 'ହିତୈଷିଣୀ' ଥି ଲେଖିଥିଲେ, 'ସମ୍ବଲପୁରରେ ଉତ୍କଳ ଭାଷା ମାତୃଭାଷା ଅଟଇ । × × ତାହା ନିତାନ୍ତ କଦର୍ଯ୍ୟ ଦଶାପନ୍ନ । ବର୍ତ୍ତମାନ ଭଦ୍ର ସମାଜର ଭାଷା କିଞ୍ଚିତ ଉନ୍ନତି ଲାଭ କରିଅଛି ସତ୍ୟ ମାତ୍ର ନିମ୍ନ ଶ୍ରେଣୀର ଲୋକମାନଙ୍କର ଭାଷା ପ୍ରାୟ ପୂର୍ବ ପରି କଦର୍ଯ୍ୟ ରହିଅଛି ।" (ପୃ: ୨୭୫-୨୭୭ ସେହିଠନେ) । ସମଲପୁରର ଭାଷା କେନ୍ତା କଦର୍ଯ୍ୟ ସେଟା ଦେଖାବାର କାଜେଁ ଇଥିର ସାଁଗେ ସେ ଗୁଟେ ସମଲପୁରୀ ପ୍ରାଚୀନ କବିତା ଭି ଉଦ୍ଧୃତ କରି ଛପେଇ ଥିଲେ ।

'ସମ୍ବଲପୁର ହିତୈଷିଣୀ' ପତ୍ରିକାର କଟକିଆ, ଓଡ଼ିଆ ଭାଷୀ, ଓଡ଼ିଆ ସ୍ୱର୍ଣୀ ସଂପାଦକ ନୀଲମଣି ବିଦ୍ୟାରତ୍ନ ୧୮୯୧ ମସିହାଥି ମାନେ ଭାଷା ଆନ୍ଦୋଳନର ସୂତ୍ରର ବହୁତ ଆଗୁ ଇ ସବୁ ଲେଖିକରି ସମଲପୁର (କୋଶଲ) ଭୂଇଁଥି ଓଡ଼ିଆ

ଧାନ ବୁଣିବାର କାଳେ ଜମିନକେ କଣ୍ଟକର ନଙ୍ଗଲଥି ଯୁଡ଼ି କରି ପଟା ମାରି ଦୁରୁସ୍ତ କରି ପାରିଥିଲେ । ସମ୍ବଲପୁରୀ ଭାଷାଟା ତ ହେଁ ପଣ୍ଡିତର ବସ୍ତରେଁ ଢାପଲଟା ଥିଲା, ସମ୍ବଲପୁରୀଆମାନକର ମାନସ ଜମିନକେ ଯୁଡ଼ି କରି ପଟା ମାରି ହେଁମାନକର ମାତୃଭାଷାଟାକେ ଚଲି ପଡ଼େ ଦେବାର ଦରକାର ଥିଲା । ସମ୍ବଲପୁର ଆଉର ଗୁଟେ ନ ପତ୍ରିକା ଥିଲା ହେଁ 'ହିତୈଷିଣୀ'; ସମ୍ବଲପୁରର ନୁଆଁ ଶିକ୍ଷିତମାନକର ମନେ ଜବର ପ୍ରଭାବ ପକେଇଥିବା ।

୧୮୯୧ ମସିହାରେ ସମ୍ବଲପୁରର ଜିଲା ଇସ୍କୁଲୁଁ ରୁଦ୍ରଦେବ ଚନ୍ଦ୍ରଶେଖର ଦେବହେର ଆଉର ଭାଷା ଆନ୍ଦୋଲନର ଗୁଟେ ଭାରି ମୁଖିଆ ଶ୍ରୀପତି ମିଶ୍ର ମେଟ୍ରିକ (ଏନ୍‌ଟ୍ରେନ୍‌ସ) ପାସ କଲେ । ୧୮୯୨ ସାଲେଁ ସମ୍ବଲପୁରର ଆଉର ଗୁଟେ ଭାରି ବଡ଼ଲୋକ ବୈକୁଣ୍ଠନାଥ ପୂଜାରୀ ଭି ଏନଟ୍ରେନସ୍ ପାସ କଲେ, କଲେଜକେ ଗଲେ ଆଉର ୧୮୯୭ ସାଲେଁ କଲିକତାରୁ ଏମ.ଏ. ପାସ କଲେ । ସେ ସେତେବେଲେ ସିଧା ଡେପୁଟି କଲେକଟର ଏକ୍‌ସଟ୍ରା ଏସିଷ୍ଟାଣ୍ଟ କମିଶନର ମୁକରର ହେଲେ । ଇ ନୂଆଁ ଶିକ୍ଷିତ ମୂଦଡ଼ିନ ଲୁକ ଅଶିକ୍ଷିତ ସମ୍ବଲପୁର (କୋଶଲ) ଇଲାକାର ଭାବନା, ଚେତନା, ଭାଷା ସଂସ୍କୃତି ଆଦିକେ ଅଭିଜାତ ମର୍ଯ୍ୟାଦା ଦେବାର ଲାଗି ଆତୁର ହେବାର ସ୍ୱାଭାବିକ ଥିଲା 'ହିତୈଷିଣୀ'ର ପ୍ରଭାବଥୁ ଇମାନେ ନିଜର ମାତୃଭାଷା କଦର୍ଯ୍ୟ ଦଶାଥି ଅଛେ ବଲି ଭାବିବାର ଭି ସ୍ୱାଭାବିକ ।

ଦୈବର ସଯୋଗକେ ୧୯୦୧ ସାଲେଁ ଜନସୁମାରିର ସେନସସ ଅଫିସର ହେଲେ ସମ୍ବଲପୁରର ପହିଲ ଏମ.ଏ. ବୈକୁଣ୍ଠନାଥ ପୂଜାରୀ । ସମ୍ବଲପୁର ଜିଲାର ଲୁକେ ଓଡ଼ିଆ ଭାଷୀ ବଲି ଜନସୁମାରିଥୁ ଜଣା ପଡ଼ିଲେଁ ସମ୍ବଲପୁର କୋର୍ଟ କଚେରିଥୁଁ ହିନ୍ଦୀ ଉଠିଯିବା, ଓଡ଼ିଆ ଫେର ଚଲିବା ଆଉ ସମ୍ବଲପୁର (କୋଶଲ) ମଧ୍ୟପ୍ରଦେଶଥୁଁ ଅଲଗା କରି ଓଡ଼ିଶା ସାଁଗେ ମିଶା ହେବା—ଇ ଭାବନା ନେଇ କରି ପୂଜାରୀ ସାହେବ କାମ କଲେ । ସମ୍ବଲପୁରର ଯେନ ଗୁଟେ କେତେ ଭାଷା ଆନ୍ଦୋଲନ କରୁଥିଲେ ସେମାନେ ତାକର ଗୋତନାତ ସନହାର ଜନାର । ହେଁମାନକର ପ୍ରଭାବ ଭି ତାକର ଉପରେଁ ପଡ଼ିଥିବା । ଡକଟର ଶ୍ରଦ୍ଧାକର ସୂପକାର ହେଁ ଜନସୁମାରି ଆଉ ସେଥିଁ ପୂଜାରୀ ସାହେବର ଭୂମିକା ବିଷୟଥିଁ ଲେଖିଛନ୍, "ବୈକୁଣ୍ଠନାଥ ପୂଜାରୀ ନାମକ ଜଣେ ଉଚ୍ଚପଦସ୍ଥ ଯୁବକ ଅଫିସରଙ୍କୁ ଜନଗଣନା ଦାୟିତ୍ୱ ଦିଆଗଲା । ସେ ସ୍ୱତରେ ଗାଁ ଗାଁ ବୁଲି ଲୋକଙ୍କୁ ଓଡ଼ିଆ ଭାଷାଭାଷୀ ବୋଲି

Scanned by CamScanner

ପରିଚୟ ଦେବାକୁ ପ୍ରବର୍ତ୍ତାଇଲେ ।" (ପୃ: ୧, ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନର ସୁବର୍ଣ୍ଣ ଜୟନ୍ତୀ ଉପଲକ୍ଷେ 'ସ୍ମରଣିକା', ସୁବର୍ଣ୍ଣ ଜୟନ୍ତୀକମିଟି, ସମ୍ବଲପୁର) ।

ଜନ ସୁମାର ସରିଗଲା ଉତରୁଁ କାଗଜ ପତରରୁ ଜନାଗଲା, ସମଲପୁର ଜିଲାର ସେତେବେଲର ମୋଟ୍ ଲୋକସଂଖ୍ୟା ପ୍ରାୟ ଆଠଲାଖରୁଁ ପ୍ରାୟ ଛ ଲାଖ ଓଡ଼ିଆ ଭାଷାଭାଷୀ, (ଛ ଲାଖ ଲୋକ ମାଁନକେ 'ବୋଉ' ଆର 'ଦଦା'କେ 'ଭାଇ' କି 'ଭାଇନା' ବଲି ଡାକସନ !)

ଇ ବନୋଟି ହିସାବ, ଯେନଟା ଖୋଦ୍ ସର୍କାର ବାହାଦୁରର ଲୁକେ କରିଛନ, କହିଦେବା ଯେ ସମଲପୁରର ବଡ଼ଭାଗି ଲୋକ ଓଡ଼ିଆ ଭାଷାଭାଷୀ ଆର କଚେରିରୁଁ ସେମାନକର ସୁବିଧା ଲାଗି ହିନ୍ଦୀ ଲେଖାପଢ଼ା ବନ୍ଦ ହଉ, ଓଡ଼ିଆ ଚଲୁ । ଇ ଆଶାରୁ ଭାଷା ଆନ୍ଦୋଳନର ଧୃସୁରଞ୍ଜନ ମୁଖିଆ ନାଗପୁର ଗଲେ, ଚିଫ୍ କମିଶନର ଫ୍ରେଜର ସାହେବ ପାଁଗେ ଭେଟ୍ ହେଲେ । ସମଲପୁର ଅଦାଲତୁଁ ହିନ୍ଦୀ ଉଠେଇ କରି ଓଡ଼ିଆ ଚଲଲେଁ ଓଡ଼ିଆ ଭାଷୀ ସମଲପୁରିଆମାନକର ସୁବିଧା ହେବା ବଲି ବୁଝାଲେ । ଇ ବିଷୟମାନ ଲେଖିକରି ଗୁଟେ ସ୍ମାରକ ପତ୍ର ଭି ଚିଫ୍ କମିଶନରକେ ଦେଲେ ଆର ଗୁଟେ ଭାରତବର୍ଷର ବଡ଼ଲାଟନକେ ଭି ପଠାଲେ । ସେଥି ସେମାନେ ଇ କଥା ଭି ଲେଖିଥିଲେ ଯେ ସମଲପୁର ଜିଲାର କୋର୍ଟ କଚେରିରୁଁ ଓଡ଼ିଆ ଭାଷା ଚଲଲେଁ ଯଦି ହିନ୍ଦୀ ଭାଷାଭାଷୀ ମଧ୍ୟପ୍ରଦେଶରୁଁ ପ୍ରଶାସନକ ଅସୁବିଧା ହେବାର ଡର ଅଛେ ତ ସମଲପୁର ଜିଲାକେ ଓଡ଼ିଆ ଭାଷାଭାଷୀ ଓଡ଼ିଶା ପାଁଗେ ମିଶାଯାଉ । ତେଭେଁ ଭାଷା ଆନ୍ଦୋଳନର ବୃଦ୍ଧ ମୁଖିଆ ସମଲପୁରର ଆଉରି ଝନେ ମୁଖିଆ ଶ୍ରୀପତି ମିଶ୍ରକେ ନେଇ କରି ସିମଲା ଗଲେ ଆର ବଡ଼ଲାଟ ପାଁଗେ ଭେଟ ହେଇ କରି ସମଲପୁର କୋର୍ଟ କଚେରିରୁ ହିନ୍ଦୀ ଉଠେଇ କରି ଓଡ଼ିଆ ଚଲେଇବାର ହୁକୁମ କରିବାର ଚେଷ୍ଟା କଲେ । ସେମାନକର ସ୍ମାରକ ପତ୍ର ଉପରେଁ ଚିଫ୍ କମିଶନର ସାହେବର ତଦନ୍ତ ରିପୋର୍ଟ ମିଲଲେଁ ବଡ଼ଲାଟ ଯାହା କରିବାର କଥା କରବେ ବଲି ବଡ଼ଲାଟର ସେକ୍ରେଟେରିଠାନୁ ଶୁନଲେ ଆର ଫିରି ଆସିଲେ ।

ଫ୍ରେଜର ସାହେବ ସ୍ମାରକ ପତ୍ରର ତଦନ୍ତ କରିବାକେ ସେହି ବର୍ଷର ଅକ୍ଟୋବର ମାସେଁ ସମଲପୁର ଆସିଲେ । ସେଁ ଘଟଣା 'ହିତୈଷିଣୀ' ପତ୍ରିକା ବର୍ଣ୍ଣନା କରି ଲେଖିଥିଲା, "ମାନ୍ୟବର ଫ୍ରେଜର ମହୋଦୟ ଯହିଁ ଯହିଁ ଗଲେ,

Scanned by CamScanner

ସେଠାରେ ଓଡ଼ିଆମାନଙ୍କର ହୃଦୟ ନିଙ୍ଗାଡ଼ା ମର୍ମାନ୍ତିକ ବେଦନା ଜନିତ ଆର୍ତ୍ତନାଦ ଶ୍ରବଣ କଲେ ।" ସମ୍ବଲପୁରର ଖିନା କେତେ କୋର୍ଟ କଚେରିଆ ଭି ନିଜର ଭାଷାର ଆର୍ତ୍ତନାଦ 'ମାଆଁଗୋ, ବୁଆଗୋ' ଗୁଡ଼ିକର ଓଡ଼ିଆ ଭାଷାର ଆର୍ତ୍ତନାଦ 'ବୋଉଲୋ, ନନାଲୋ'ର ଅଶ୍ରୁ ନେଇଥିବେ ।

ଫ୍ରେଜର ସାହେବ ତଦନ୍ତ କରି ଜାଣିଲେ ଯେ ସମ୍ବଲପୁରର ଓଡ଼ିଆ ଭାଷା-ଭାଷୀ ଲୋକେ ତାଙ୍କର ମାତୃଭାଷା ଓଡ଼ିଆକେ ବହୁତ ଭଲ ପାଉସନ । ସେ ସୁପାରିସ କଲେ, ସମ୍ବଲପୁର କୋର୍ଟ କଚେରୁ ହିନ୍ଦୀ ଉଠୁ, ଓଡ଼ିଆ ଚଲୁ । ୧୯୦୩ ଜାନୁଆରି ପହିଲାରୁ ଓଡ଼ିଆ ଚଲଲା; ୧୯୦୫ ଅକ୍ଟୋବର ୧୬ତାରିଖରୁ ସମ୍ବଲପୁର, ବଲାଙ୍ଗୀର କଲହାଣ୍ଡି, ରେଢ଼ାଖୋଲ ଆଉ ବାମଣ୍ଡାର ଶାସନ କ୍ଷମତା ଓଡ଼ିଶା ପାଇଲା ।

'ହିତୈଷିଣୀ' ସମ୍ବଲପୁର କୋର୍ଟ କଚେରୁ ହିନ୍ଦୀ ଉଠବାର ଘଟନା ନେଇ କରି ଲେଖିଥିଲା, "ପ୍ରାତଃ ସ୍ମରଣୀୟ ମଧ୍ୟପ୍ରଦେଶର ଭୂତପୂର୍ବ ଚିଫ୍ କମିଶନର ଫ୍ରେଜର ସାହେବ ମହୋଦୟ ସମ୍ବଲପୁର ଅଦାଲତ ସମୂହରେ ଓଡ଼ିଆ ଭାଷା ପୁନଃ ପ୍ରଚଳନ କରାଇ ସମଗ୍ର ଉତ୍କଳବାସୀଙ୍କର ହୃଦୟଗ୍ରାହୀ ହୋଇଛନ୍ତି । ଏତଦ୍‌କଥା, ଉତ୍କଳବାସୀମାନେ ସଖାଳୁ ଉଠିକି ମନେମନେ "ଫ୍ରେଜରଂ ନମାମଃ" କହୁଥିବେ । ଲେକିନ ସମ୍ବଲପୁରର ଲୋକେ ତ ସେତେବେଳେ ଉତ୍କଳବାସୀ ନାହିଁ ଥାଇ, କୋଶଲବାସୀ ଥିଲେ । ତ କୋଶଲବାସୀ କମ୍ପୁ ବାହାନ, ଖଧାନ୍ ଖେଣ୍ଡ, ଗୋଠଲ ଡିଣ୍ଡ୍, ଖୁଣ୍ଟି ଚମାରେନ, ଲୁଦ୍ଦୋନ ଲୁଡରେନ ଆଦ ମାନଲ ଲୋକେ ଫ୍ରେଜର ସାହେବର ବର୍ଣ୍ଣନ କରୁ କହୁଥିବେ ଏ ନାହିଁ 'ହିତୈଷିଣୀ' ହେଁଟା ଜାନବାର କାହିଁ ଦର୍କାର ଥିଲ୍ ?

ହେଁ ଭାଷା ଆନ୍ଦୋଳନ ଆଉ ଓଡ଼ିଶା ସାଁଗେ ସମ୍ବଲପୁର ମିଶା ହେବାର ଘଟନା ନେଇକରି ହାମର ସମ୍ବଲପୁରର ଜ୍ଞାନମୂର୍ତ୍ତି ଡକ୍ଟର ସୁପକାର ଲେଖିଛନ୍ "ଭାଷା ସୂତ୍ରରେ ପ୍ରଦେଶ ଗଠନର ପ୍ରଥମ ଆନ୍ଦୋଳନର ସଫଳ ପୁରୋଧା ସମ୍ବଲପୁରର ପଞ୍ଚସଖା ବଳଭଦ୍ର ସୁପକାର, ବଦାଶ୍ୱ ଦାସ ମହନ୍ତ, ବ୍ରଜମୋହନ ପଟ୍ଟନାୟକ, ମଦନମୋହନ ମିଶ୍ର ଓ ଶ୍ରୀପତି ମିଶ୍ର ଚିରସ୍ମରଣୀୟ ହୋଇ ରହିବେ ।" (ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନର ସୁବର୍ଣ୍ଣ ଜୟନ୍ତୀ ଉପଲକ୍ଷେ 'ସ୍ମରଣିକା' -ପୃ.୨)

Scanned by CamScanner

ଯଦି ନିଜର ସମ୍ବଲପୁର (କୋଶଳ) ଦେଶର ଲକ୍ଷ ଲକ୍ଷ ଲୋକଙ୍କର ଅଲଗା ସମ୍ବଲପୁରୀ (କୋଶଳୀ) ଭାଷାଟିଏ ଥାଇ ନିଜକୁ ଓଡ଼ିଆ ଭାଷୀ ହେବାପାଇଁ ଚେଷ୍ଟା ଜନ୍ମାଇଥିବା ଲାଗି ବୋଲି ବସ୍ତୁର ଜଣାଯିବା, ତ ଓଡ଼ିଆ ଭାଷୀମାନଙ୍କର ପଛେଁ ପିଛେ ହେଁ ଉଦାରଚେତା ମହାପୁରୁଷମାନେ ଚିରସ୍ମରଣୀୟ ହେବେ ? ଆମର ସମ୍ବଲପୁର (କୋଶଳ) ଆଉର ଲୋକେ ହେଁମାନଙ୍କେ ଟିକେଁଖରେ ଦେ କ ଧାସୁ ଅନେ ବି 'କ୍ଷମଣୀୟ' ବଲି ଭାବବେ । ତାଙ୍କର 'ସ୍ମରଣୀୟ' ନାଇଁ ଭାବବ, ଜଦି ହେଲେଁ କାରଣ ସେ ନିକା ଗୁଡ଼ିଏ ଶବ୍ଦ ବଦଳେଇ ମୁହେଁ ଛାଡ଼ିଥିଲେ । ବସ୍ତୁଲେଁ ହେଁମାନଙ୍କର ମାତୃଭାଷା ଚେତନା ଗୁଡ଼ିଏ ଗାଲ୍ପ ଦଦଳକ ମୁହେଁ ଭଥିଲ । କଟକିଆ ଓଡ଼ିଆଭାଷୀ ମାଷ୍ଟର ମାଲମଣୀର ପଟିଥିଁ ପଡ଼ିକରି ହେଁମାନେ ସମ୍ବଲପୁରୀ (କୋଶଳୀ) କେ କଦର୍ଯ୍ୟ ଓଡ଼ିଆ ବଲି ଭାବିନେଲେ । ହେଁମାନେ ଦୋଷ କରି ଥାଉନ କି ନାଇଁ କରିଥାଉନ, ନିଶ୍ଚିତ ଭାବେଁ ଭୁଲ କରିଥିଲେ ।

ଡକ୍ଟର ସତ୍ୟ ପ୍ରକାଶ ନିଜେଁ ସଫା ଭାଷାଥିଁ ମାନିଛନ ଯେ ତାଙ୍କର ନିଜେ ମା ୧୮୫୭ ମସିହାଥିଁ ଜନମ ହେଇଥିଲେ, ତାଙ୍କର ମାଆରଠୁ ମାତୃଭାଷା ଶିଖିଥିଲେ ଆଉ ଡକ୍ଟର ସତ୍ୟ ପ୍ରକାଶ ବାଦିର ତାଙ୍କର ନାତିନାତେନମାନଙ୍କର ସାଁଗେ ତାଙ୍କର ମାତୃଭାଷାଥିଁ କଥା ହଉଥିଲେ । ହେଥିର ଲାଗି ଡକ୍ଟର ସତ୍ୟ ପ୍ରକାଶ ସ୍ଵୀକାର କରିଛନ ଯେ ୧୯୮୬ର ଶହେ ବଛର ପୂର୍ବେଁ ସମ୍ବଲପୁରୀ ଥିଲା । ସମ୍ବଲପୁର ଭାଷା ଆନ୍ଦୋଳନର ଯେନ 'ପଞ୍ଚସଖା'ର ନାଁ ଡକ୍ଟର ସତ୍ୟ ପ୍ରକାଶ ଦେଇଛନ, ତାଙ୍କର ଭାଇଁ ବଳଭଦ୍ର ସତ୍ୟ ପ୍ରକାଶ ତାଙ୍କର ନିଜେ ବାପା ବଲି 'ଅଗ୍ନିଶିଖା' ଥି ଗୁଡ଼େ ଠାନେ ସେ ଲେଖିଛନ । ସେ ମହାଶୟ ବି ନିଶ୍ଚୟ ସମ୍ବଲପୁରୀ ଭାଷାଥିଁ କଥାବାର୍ତ୍ତା କରୁଥିବେ, ତାଙ୍କର ମାତୃଭାଷା ବି ନିଶ୍ଚୟ ସମ୍ବଲପୁରୀ ହେଇଥିବା । ଲେକିନ କଟକିଆ ମାନଙ୍କର ପ୍ରତିନିଧି ମାଲମଣି ବଧ୍ୟାବନ୍ଦର ପଟିଥିଁ ପଡ଼ିକରି ସେ ମାତୃଭାଷାକେ ପାସୁରି କରି ଓଡ଼ିଶାଥି ମିଶିବାର ଲାଗି ଭାଷା ଆନ୍ଦୋଳନ ସାଁଗେ ସାମିଲ ହେଲେ ।

ସମ୍ବଲପୁରର ଲକ୍ଷ ଲକ୍ଷ ଲୋକ ଆଉ ସାରା କୋଶଳ ଖଣ୍ଡର ଲକ୍ଷ ଲକ୍ଷ ଲୋକ ଓଡ଼ିଆ ଭାଷୀ ଥିଲେ ? ସେମାନେ କାଣା ଓଡ଼ିଶାଥିଁ ମିଶିବାର କାଜେ ଭାଷା ଆନ୍ଦୋଳନ କରିଥିଲେ ? ସେମାନେ କାଣା 'ପଞ୍ଚସଖା'ଙ୍କେ ନିଜର ପ୍ରତିନିଧି ବଲି ବାଛିଥିଲେ ? ମଧ୍ୟପ୍ରଦେଶ ସର୍କାର ସେମାନଙ୍କର ଭାଷାଟା 'a purely local dialect' ବଲି ଲେଖିକରି ଖାଣ୍ଟି ସତ୍‌କଥା କହିଥିଲେ; ତେବେ ସମ୍ବଲପୁରର ପଞ୍ଚସଖା ହେଁ ଭାବେଁ ନଜର ନାଇଁ ଦେଇ । ସମ୍ବଲପୁରର ଭାଷା ଆନ୍ଦୋଳନ

Scanned by CamScanner

ଆଉ ଓଡ଼ିଶା ସାଙ୍ଗେ ସମ୍ବଲପୁର (କୋଶଳ)ର ମିଶ୍ରଣ ନେଇ କରି ଆସୁଜତକ ଯେତେବେଳେ ଆଲୋଚନା କରା ହେଉଛେ କେବେହେଲେସିଁ ସମ୍ବଲପୁରୀ (କୋଶଳୀ) ଭାଷାର କଥାଁ ଧ୍ରି ନାଇଁମିଲେ । ଗଲ୍ କୁଡ଼େ ବରଷ ବଛର ହେଲେଁ ଏହେଁ ଭାଷାର ଅସ୍ତିତ୍ୱ, ପର୍କୃତ ଆଉ ସ୍ୱତଂତ୍ରତା ନେଇ କରି ବିଦ୍ୱାନମାନେ ଅନେକ ଆଲୋଚନା କରିଛନ । ଏହେଁ ଭାଷା ୧୮୯୫-୧୯୦୧ ମସିହାର ଭାଷା ଆନ୍ଦୋଳନ ଚାଲିଲା ବେଲେଁ ବି ଥିଲା । ମାତର ଭାଷା ଆନ୍ଦୋଳନ ଆଲୋଚନା କଲେଁ ଉପକୂଳିଆ ଓଡ଼ିଆ ବିଦ୍ୱାନମାନେ ତ ଜାଣି ଜାଣି ଏହେଁ ଭାଷାର ଅସ୍ତିତ୍ୱକେ ଚାପି ଦେବାରଟା ସ୍ୱାଭାବିକ; ହାମର ଇ ଫାଲର ଡକଟର ସୂପକାର ବାଗିର ବିଦ୍ୱାନ ବି ଏହେଁଟା ଚାପବାର ଦେଖି କରି ଦୁଖ ଲାଗସି । ଏତକି ନ ହୁଏ, ଡକଟର ସୂପକାର ଏଭେଁ ଲେଖିଛନ, ଯେଉଁ ଯୁଗରୁ (ସାମନ୍ତିକ ଯୁଗରୁ) ଓଡ଼ିଆ ବନାମ ସମ୍ବଲପୁରୀ ଧାରଣା ଆରମ୍ଭ ହେଲା ସେହି ଯୁଗରୁ ତାହା ବିଭ୍ରାନ୍ତ ଓ ବିଭକ୍ତ ଦୃଷ୍ଟିକୋଣରୁ ଘୋର ବୈଷମ୍ୟ ସୃଷ୍ଟି ହୋଇଛି ବୋଲି ମନେହୁଏ ।" (ଅଗ୍ନିଶିଖା-୧୮-୭-୯୨ ଓଡ଼ିଆ ବନାମ କୋଶଳୀ ଓ ସମ୍ବଲପୁରୀ) । ସମ୍ବଲପୁରରେ ହିନ୍ଦୀ ଭାଷାର ପ୍ରସାରକୁ ବ୍ୟାହତ କରିବା ପାଇଁ ଆଉ 'ଓଡ଼ିଆ ଭାଷା ସଂସ୍କୃତି ଓ ଜାତିର ବିକାଶ ପାଇଁ' ସମ୍ବଲପୁରରେ ଓଡ଼ିଶା ସାଂସ୍କୃତିକ ସମାଜ ଗଢ଼ାଗଲା ବୋଲି ଡକଟର ସୂପକାର ଅଗ୍ନିଶିଖା—(୧୪-୭-୯୨) ଆଉ 'କୋଶଳ' (୧-୪-୯୨) ଥିଁ ଲେଖିଛନ—ଏହେଁଟା ତାହାଁ ବିଭ୍ରାନ୍ତ ନୁହେ ? ସମ୍ବଲପୁରୀ (କୋଶଳୀ) ଭାଷା ଗୁଟେ ସ୍ୱୟଂସମ୍ପୂର୍ଣ୍ଣ ଭାଷା ହେଇ-ଥିଲେଁ ବି ତାର ଦୁରବସ୍ଥା ଦୂରିବାର ନାଇଁ ଶବ୍ଦ କରି ଭାରତବର୍ଷର ଭାଷା ଦବାରେ ଥି ସୂନାର ଆସନ ପାଇ ସାରିଥିବାର ଓଡ଼ିଆ ଭାଷା ସାହିତ୍ୟର ବିକାଶ ଲାଗି ଉପଘାତକ ହେବାରଟା କେନ ଦୃଷ୍ଟିଥି ସଙ୍ଗିନ୍ତା ଆସୁ ? ମନକେ ଆସୁଲେଁ ସମ୍ବଲପୁରୀ (କୋଶଳୀ) ଭାଷାଥି ଗୁଟେ ସୁନ୍ଦର ଶବ୍ଦ ନେଇକରି ଜନ୍ମରଭ ଥାଉ କି ନାଇଁ ଥାଉ, ଓଡ଼ିଆ ଲେଖାଥିଁ ବୁଡ଼୍ ବୁଡ଼ି ଦେବାର ଲାଗି କୋଶଳୀ ଜନତା ତାର ଭାଷା ସର୍ଜନା କରି ଥିଲା ନାଇଁ ହେଇ । ପାହାଡ଼ ପର୍ବତ୍ ଥିଁ ଝରନଟେ ବାହାରି କରି କେତେହେଲେସି ହେଉ ନଦୀଥିଁ ମିଶି କରି ନକେଁ ଉପନଦୀଟେ ହେବାର ଅନିବାର୍ଯ୍ୟତା ବିଧାତାର ନିୟମ ନୁହେ ସେ । ଝରନ ତାର ମନକେ ମନ ଖେଲିବୁଲି, ତାର ଡାଲଖାଇ ରସରକେଲି ଗାଇ ଗାଇ ସାଗର ସାଙ୍ଗେ ସାମିଲ ହେବାରଟା ବି ବେନିୟମ ନୁହେ, ବେ-ସ୍ୱାଭାବିକ ନୁହେ । ସେ ଝରନ କଟକ କଲେ ବିକାଶ କେନ୍ଦ୍ରକେ ଯାଇ କରି ଓଡ଼ିଶୀ ଗୀତ ଶିଖିବାର କି ଗାଉବାର ତ କିଛି ଦରକାର ନାଇଁନ ।

Scanned by CamScanner

ଓଡ଼ିଆ ଆରୁ ସମ୍ବଲପୁରୀ (କୋଶଲୀ) ର ଝଗଡ଼ା ଯାହା ଲାଗିଛି ଅଛେ ତ ସେଥିର ଲାଗି ଓଡ଼ିଆ ଭାଷାଭାଷୀ ଉପକୂଲିଆ ନେତାମାନେ ଦାୟୀ ଆର ସମ୍ବଲପୁରୀ ଗ୍ରାମଭଣିଆଁ ନେତୃତ୍ୱ ବି ଦାୟୀ । ସାରା କୋଶଲ୍ ଖଣ୍ଡର ପ୍ରାଥମିକ ବିଦ୍ୟାର୍ଥୀ ମାନଙ୍କେ କେନ ଭାଷା ଜବରଦସ୍ତି ଶିଖା ହଉଛେ ସେକଥା କେହେ ଭାବୁନ ଛାଡ଼ନ ? କୋଶଲୀ ଭାଷାର ଗୁଟେ ଶବ୍ଦ ବି ଯଦି ଉପକୂଲିଆ ପ୍ରାଥମିକ ପାଠ୍ୟ ବହିଥିଁ ସ୍ଥାନ ପାଇନାର ଭୁଲଥିଁ ରହି ପାରୁଚା ତ ଉପକୂଲିଆମାନେ କର୍ମଶାଳା କରି ଚୌଦ ବ୍ରହ୍ମାଣ୍ଡ କଁପେଇ ଦେବେ । ଲେକେନ ସର୍କାରି ଶିକ୍ଷା ବିଭାଗର ପ୍ରାଥମିକ ପାଠ୍ୟ ପୁସ୍ତକଥିଁ ହାମର ଆଞ୍ଚଳର ବିଦ୍ୟାର୍ଥୀମାନଙ୍କର ପକ୍ଷେଁ ଗ୍ରୀକ୍ ଲାଟିନ୍ ବାଗିର ଅପସପଟ କଟକିଆ ଶବଦ କେତେ ଅଛେ ସେଟା ଦେଖାଲେ ବି କିଏ ଦେଖୁଛେ ? ହେଁ ସବୁ ପଢ଼ାଲେଁ କାହେଁନ କୋଶଲୀ ପିଲେ ତାକର ମାତୃଭାଷାଟାକେ ପାସୋରି ଦେବେ ? ପ୍ରାଥମିକ ବିଦ୍ୟାର୍ଥୀକେ ଯଦପି ତାର ମାତୃଭାଷାଥିଁ ଶିକ୍ଷା ନାଇଁ ଦିଆଯାଇ କରି କଟକିଆ ଭାଷା ଶିଖାଯାଉଛେ ତ ହେଁଟା ଭ୍ରୂଣ ହତ୍ୟା ନୁହେଁ ? ଆର 'ରଙ୍ଗବତୀ' ଉପ୍ରେଁ ଉପକୂଲିଆ ଗାତଧର୍ଷଣ ଚାଲିଛେ ବଲୁଲେ କାଣା ଭୁଲ ହେବା ? ଇ ସବୁ କଥା ଦେଖିକରି ଜାନେ ଜନେ ବିଦ୍ୱାନ ଲେଖିଛନ୍ତି—

"It bends the hegymony of Oriya culture and marginaliz ıtion of Sambalpuri culture. It is a case if 'Culturocide' ସଂସ୍କୃତି ହତ୍ୟାର । ସେ ଆଉରି ବି ଲେଖିଛନ—According to our evidence, the formation of Orissa on the basis of Oriya Language could not satisfy the political, economic and cultural aspirations of Sambalpuri people. Today the situation for them differs significantly from what they had visualized earlier. There is a little scope for their creativity, freedom and expression. They are unable to reconcile with this paradoxical situation. On the one hand they are not properly integrated into the Oriya society and on the other they are yet to develop an identity of their own leading to a crisis of identity." (Rural urban Continuem and Folk-Culture-Chitrasen Pasayat)

ଇ ଭଣିଁ ଲୁ ହାଲତ ଥିଁ ଛାଡ଼ି ପାଇବାର ଗୁଟେ ନ ବାଟ ଅଛେ—"**ବନ୍ଦେ କୋଶଲ ଜନନୀ**" ସଚେତନାରେନ ବଢ଼ିବାର ଜନ୍ଦାବାଦ ।

—ପର୍ମାନ ପାଁଜି—

୧- ପୃ: ୧୭—ସମ୍ବଲପୁରର ଭାଷା ସଙ୍କଟ ଓ ଓଡ଼ିଶା ସହ ମିଶ୍ରଣ—
ଶଙ୍କର ପ୍ରସାଦ ପାଢ଼ୀ, ଚନ୍ଦ୍ରଶେଖର ସ୍ମରଣିକା, ୧୯୭୩

୨- ସେହିନ

୩- ପୃ: ୮୮-୮୯—'ଓଡ଼ିଆ ଭାଷା ଆନ୍ଦୋଳନ'—
ପ୍ରଫେସର ଡକ୍ଟର ବଂଶୀଧର ମହାନ୍ତି

୪- 'ସମ୍ବଲପୁର ଇତିହାସ' (ଶିବପ୍ରସାଦ ଦାଶ)ର ପୃ: ୨୮୩ଥିଁ ସେ ଦମାପତ୍ରର ସାରାଂଶ ହିନ୍ଦୀଥିଁ ଦିଆ ହେଇଛେ ।

୫- 'ଶିକ୍ଷାନୁରାଗୀ ବିଲୋଚନ ବୃଦ୍ଧା'—(ଶଙ୍କର ପ୍ରସାଦ ପାଢ଼ୀ)ର ପୃ: ୧୮ ଥିଁ ହେଁ ମୁକ୍ତାରନାମାର ନକଲ୍ ଛପା ହେଇଛେ ।

୬- ପୃ: ୧୫୨ 'Freedom movement in Sambalpur'—
Dr. Chittaranjan Mishra.

୭- Ibid—Proceedings, Home - Judicial, August, 1895, Nos, 198-204, National Archives of India.

୮- ଚନ୍ଦ୍ରଶେଖର ସ୍ମରଣିକା (୧) ଦ୍ରଷ୍ଟବ୍ୟ

୯- ସମ୍ବଲପୁରର ଭାଷା ଆନ୍ଦୋଳନ ହିଁ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନର ମୂଳଭିତ୍ତି ।'—ସମ୍ବଲପୁରରେ ଭାଷା ଆନ୍ଦୋଳନ । ଡ଼: ଶ୍ରଦ୍ଧାକର ସୂପକାର ହୀରାଖଣ୍ଡ ୧୯୮୪ ବସନ୍ତ ମିଳନ ସ୍ମରଣିକା—ପୃ: ୧୫

୧୦- ଚନ୍ଦ୍ରଶେଖର ସ୍ମରଣିକା—ପୃ: ୯

୧୧- ପୃ: ୨୮—'ଓଡ଼ିଆ ଭାଷା ଆନ୍ଦୋଳନ'

୧୨- 'ରଙ୍ଗବତୀ କଥା' —ଡକ୍ଟର ଶ୍ରୀନିବାସ ପାଠୀ—୧୯୯୨, ସ୍ୱତନ୍ତ୍ର ଉତ୍କଳ ଦିବସ ବିଶେଷାଙ୍କ - ପୃ: ୧୦

ରିସ୍ଲେ ସର୍କୁଲାର (ବଙ୍ଗ ପ୍ରେସିଡେନ୍ସିର ବିଭାଜନ ପ୍ରସ୍ତାବ ଉପ୍ରେଁ ;) ସମ୍ବଲପୁରେଁ ସୁଦ୍ଧାଁ ଶବାର୍ ଲାଗ୍ ଡେପୁଟି କମିଶନର ଚଟେନବସ୍ କେତେ ମୁଖିଆ ଲୋକଙ୍କୁଁ ଗୁଟେ ସଭାକେ ଡାକଲେ । ୧୯୦୪ ଜାନୁଆରି ୧୦ତାରିଖ, ରବିବାର ଦିନ ଇ ସଭା ବସିଥିଲା । ବାକି ଡେପୁଟି କମିଶନର ସଭାକେ ନାଇଁ ଆସି ପାରଲେ ବଲି ଜନେ ମାଜିଷ୍ଟ୍ରେଟ୍ ସଭାପତି ହେଇକରି ସଭା ସମ୍ଭାଲଲେ । ଇ ସଭାଥି ଚନ୍ଦ୍ରଶେଖର ବେହେରା ପ୍ରସ୍ତାବ ଦେଇଥିଲେ ଯେ, ସମ୍ବଲପୁର ସଙ୍ଗେ କେତେଟା ଦେଶୀୟ ରାଜ୍ୟ ଆଉ ସିଂହଭୂମ ମାନଭୂମକେ ମେଶେଇ କରି ଗୁଟେ ଡିଭିଜନ ବନାଯାଉ । ଆଉ ସମ୍ବଲପୁର ଇ ଡିଭିଜନର ଶାସନ କେନ୍ଦ୍ର ହଉ । ଇ ପ୍ରସ୍ତାବ ସମ୍ବଲପୁର୍‌ର ନେତାମାନଙ୍କର ସର୍ବସମ୍ମତ ଅନୁମୋଦନ ପାଇଥିଲା ।

ଡକ୍ଟର ନବୀନ କୁମାର ସାହୁ, 'ସମ୍ବଲପୁର ମିଶ୍ରଣ' ଉତ୍କଳ ପ୍ରସଙ୍ଗ-ଏପ୍ରିଲ-୧୯୮୨

Scanned by CamScanner

କୋସଲେ କୋସଲୀ ଭାଷା

—ପି: ଆର: ଦୁବେ

ଭାଷା ସମସ୍ୟା—କୋସଲ ଇଲାକାର ସମ୍ପର୍କ ଭାଷାର (Link Language) ନାଁ ଉପରେ ଏବେଛନ୍ ନାନାକିସମର ତର୍କ ବିତର୍କ ଚାଲିଛେ । କେତେକ କବି, ଲେଖକ ଇ ଭାଷାର ସେନ୍ତି ପୁର୍ନା ସମ୍ବଲପୁରୀ ନାଁ ଚାଲୁରହୁ ବଲି କହୁଛନ । କେତେ ରାଜନୀତିଆ ଲୋକ ସମ୍ବଲପୁରୀ ନାଁକେ ନିଜର ଇଲାକାର ପ୍ରତିଷ୍ଠାର ପ୍ରଶ୍ନ ବଲି ଧରି ନେଇଛନ୍ । ଦୁସର୍ ପକ୍ଷେ କଲାହାଁଣ୍ଡି, ଖଡ଼ିଆଲ, ବଲାଙ୍ଗିର, ବଉଦର ଲେଖକ ବିଦ୍ୱାନମାନେ ସାରା ଇଲାକାକେ ଚିହ୍ନଟ କରୁଥିବାର ନେତାର ନୂଆଁ ନାଁ ଚାଲୁ କର୍ବାର ଉପରେ ଜୋର ଦେଉଛନ୍ । ସମ୍ବଲପୁରର ବହୁତ୍ ଉଦାର ଲୋକ ଭି ଇଟାକେ ସମର୍ଥନ କରୁଛନ୍ । ସମ୍ବଲପୁରୀ ନାଁ ଏକକୋଟି କୋସଲି ବାସିନ୍ଦା ମାନଙ୍କର ସାହାଜ ଭାଷାର ଅସଲ ଚିହ୍ନଟ ନୁହେ ବଲି ତାକର ମତ । ଇ ପରିସ୍ଥିତିଥି ଭାଷାର ନାଁ ସମ୍ବଲପୁରୀ ଆଏକି 'କୋସଲି' (? କୋଶଳୀ) କହି ଆଏ ଏବେହେଲ୍ ସମସ୍ୟା ।

ବହୁତ୍ ଓଡ଼ିଆ ଭାଷାପ୍ରେମୀ ସମ୍ବଲପୁରୀ ବିଦ୍ୱାନ ତର୍କ କରୁଛନ—ପଶ୍ଚିମ ଓଡ଼ିଶାଥି ଗୁଟେ କାମଚଲାଉ ଲୋକଭାଷା ଯିନା ଅଛେ, ଇ ଭାଷାର ସାହିତ୍ୟ କାଇଁହେ ? ସାହିତ୍ୟ ବିନା ଇ ଠୁଁଟି ଭାଷା କେନ ହକଥି ସ୍ୱତନ୍ତ୍ର ଭାଷାର ମର୍ଯ୍ୟାଦା ପାଏବା ? ପଶ୍ଚିମ ଓଡ଼ିଶାଥି ଅବ୍‌ଗା ଓଡ଼ିଆ ଭାଷା ଚଲୁ, ଆରୁ ସାହିତ୍ୟ ମାନେ ସେହି ଭାଷାଥି ସୃଷ୍ଟି ହେଉ—ଆଗର୍ ଭୀମଭୋଇ, ଗଙ୍ଗାଧର, ଖଗେଶ୍ୱର ଓଡ଼ିଆ ଭାଷାଥି ସାହିତ୍ୟ ସୃଷ୍ଟି କରିଛନ । ସମ୍ବଲପୁରୀ-କୋଶଲୀ ନାଁ ଉପରେ ତର୍କଲ୍ ବେକାର ଆଏ—ଇଟା ହେଲା ତାକର ମତ । ଓଡ଼ିଆ ଭାଷା ଆନ୍ଦୋଳନ ବେଲକେ ବଙ୍ଗାଲିମାନେ ଠିକ୍ ଏନ୍ତେଇ କଥା କହୁଥିଲେ—'ଓଡ଼ିଆ ଏକଟି ସ୍ୱତନ୍ତ୍ର ଭାଷା ନୟ' । ଆଏଜ, କୋସଲି ଚେତନା ଜନମ ହେଲା ବେଲକେ କେତେ ଜଣ ବିଦ୍ୱାନମାନଙ୍କର ଓଡ଼ିଆ ଭାଷା ପ୍ରେମ ଆଉର ସମ୍ବଲପୁରୀ-କୋସଲି ଭାଷାର ବିଦ୍ୱେଷଥି ମାତୃଭାଷା ଦ୍ରୋହର ଲୁହା କହର ଆସୁଛେ ।

ଦେଶର ନାଁ ଜାନି ଭାଷାର ନାଁ :— ଦେଶର ନାଁ ଜାନି ଭାଷାର ନାଁ ଏକେ, ଜେନ୍ତା—ଇଂଲଣ୍ଡ ଇଂଲିଶ, ଫ୍ରାନ୍ସ ଫ୍ରେଞ୍ଚ, ବଙ୍ଗ ବଙ୍ଗାଲି, ଆସାମ ଆସାମୀ, ଓଡ଼ିଶା ଓଡ଼ିଆ । ଆମର ତ ନିଜର ବଲି ଦେଶଟେ ନେଇନ୍, ତେବେ ଭାଷାଟେ କାହୁଁ ଆଏଲା ? ଯଦି ଭାଷାର ନାଁ 'ସମଲପୁରୀ' ବଲସେ, କହିଁ ନକାଲେ ସମଲପୁର ବଲି ଦେଶଟେ ଅବଏସ୍ ଥିବା । ଆଉ ଯଦି ଭାଷାର ନାଁ କୋଶଲି, ବଲସେ ଇତିହାସର ଟେକନ୍ ଅନାଲେ କୁହନ 'କୋଶଲ' ବଲି ଦେଶଟାକର ନାଁ ଡାକ୍ ପାଁ ଜଗ୍ ଜଗୁର୍ ମିଲବା । ଇ ବର୍ଷୁଁ ଧାମକେ ନିଜର ଦେଶର ପରିଚୟନ, ଜାତୀୟତାର ପରିଚୟନ, ନିଜର ସଭ୍ୟତା, ପରମ୍ପରା ଆଉ ସଂସ୍କୃତିର ଜଡ଼ ଖୁଜବାକେ-ବ୍ୟାକୁଲ କରୁଛେ, ଗୁଟେ ଅଦଭୁତ କଥାର ଦ୍ୱନ୍ଦ୍ୱମାନ ଆମକୁ ନିଜର ମାତୃଦେଶ, ମାତୃ ସଭ୍ୟତା ଆଉ ମାତୃଭାଷାର ଉଦଗମ୍ ଧାର ଖୁଜବାକେ ବାଧ୍ୟ କରୁଛେ । ଯଦି ଅଖରୁର ଗୁଛେଁ ନିଜର ଦେଶର ନାଁ, ତାର ଭୌଗଳିକ ସୀମା ଆଉ ତାର ରାଜନୈତିକ ଇତିହାସକେ ହୃଦୟେଇ କରି ଗୁଟେ ସର୍ବସମ୍ମତ ଦେଶ-ଭିତ୍ତିକ ଭାଷାର ନାଁ ଠିକ୍ କରିଦେବା ତ ଭାଷାର ନାମକରନ ସମସ୍ୟାର ଆପେ ଆପ ନିପଟି ଯିବା । ଆଞ୍ଚଳିକ ହଠ୍ ଗୁମାନ ଆଉ ଝମାଳି ଛାଡ଼ିଲେ ସାଏକ ଇ ଭାଷା ସମସ୍ୟାର ବାସ୍ତବବାଦୀ ସମାଧାନ ହେବା । ଏନ୍ତା ପରିସ୍ଥିତି ସରଦାର ବଲ୍ଲଭଭାଇ ପଟେଲଙ୍କର୍ ଲେଖା ଶୋର୍ ପଡ଼ସି ।

"It will be folly to ignore realities. Facts take their own revenge if not faced squrely and well"

ସମଲପୁର ରାଜ : ସମଲପୁରୀ ଭାଷା :— ସମ୍ବଲକ ବା ସମଲପୁର ଗୁଟେ ବହୁତ୍ ପୁରନା ସହର ଆଏ । ଗ୍ରୀସର ବୁଲନ୍ତା ଲେଖକ ଟଲେମୀ ସିଶୁଖ୍ରୀଷ୍ଟର ଜନମ ସମୟୁଁ ଇ ସହର ହୀରା କାରବାର ଲାଗି ଖ୍ୟାତ ହାଇଥିଲା ବଲି ଲେଖିଛନ୍ । ଲେକିନ ଗୁଟେ 'ରାଜ୍ୟ' ବା 'ରାଜ' ହିସାବେ ସମଲପୁରକେ ବିଖ୍ୟାତ କରିଥିଲେ ପାଟନାର ଚଉହାନ ରଜାକୁଲର ସନ୍ତାନ ଶ୍ରୀ ବଲରାମ ଦେବ । (୧୫୭୫-୭୬)

ବଲରାମ ଇତି ଖ୍ୟାତୋ ଭୂପାନାଂ ଦ୍ୱିତ ସନ୍ତତେଃ
ଯେନ ବସ୍ତାରେତା କୀର୍ତ୍ତି ସନ୍ତ ପ୍ରାଦେଶ ଭୂମିପାଃ—ଶକରା ମଣ୍ଡସ

ସେ ଭାଇକର ବଡ଼ଭାଇ ପାଟନା ମହାରାଜା ଶ୍ରୀ ନରସିଂହ ଦେବକୁ ଅଙ୍ଗ ନଏଦର ଉତ୍ତରକୁଲ୍ 'ହୁମା' ଇଲାକାକେ ଭାଗ ପାଇକରି ସହେଲେ ସାମ୍ବରପୁର (ବୁଢ଼ରପୁର) ଫେଁର ସମଲପୁରେଁ ରାଜଧାନୀ ବସାଲେ । ସମଲପୁରର ପଞ୍ଚମ ରାଜା ଶ୍ରୀ ବଲିଆର

Scanned by CamScanner

ସିଂହ ନିଜର ବଳ ପରାକ୍ରମଥୁ 'ଅଠରଗଡ଼-ଡେର (ଫେଡ୍ରେସନ୍)'ର ଶାସକ ହେଇକରି ପୁରୀର ଗଜପତିଠାରୁ 'ହୀରାଖଣ୍ଡ-ଛତ୍ରପତି' ହିସାବେଁ ସ୍ୱୀକୃତି ପାଇଥିଲେ । ୧୫୪୦ ଇସବୀରୁ ୧୮୦୦ ଇସବୀ ତକ୍‌ର ଚଉହାନ ଶାସନ କାଳଥୁଁ 'ସମଲପୁର' ରାଜ-ନୈତିକ ଦୃଷ୍ଟିଥୁ ଗୁଟେ ସ୍ୱତନ୍ତ୍ର 'ରାଜ୍ୟ'ର ଦର୍ଜା ପାଏଲା । ରାଜନୈତିକ ଏକତା ଭାଷା, ସଂସ୍କୃତି, ଆଚରବେଭାରକେ ମଜବୁତ କଲା । ଇ ସମିସ୍ତାଥୁ 'ସମଲପୁର-ଅଠରଗଡ଼'ର ଭାଷାର ନାଁ 'ସମଲପୁରୀ' ହେଲା । ପଛେଁ ମରହଟ୍ଟା ଆଉ ଇଂରେଜ ଶାସକମାନେ ଭି ଇ ଦେଶକେ 'ସମଲପୁର ରାଜ' ଆଉ ଭାଷାକେ 'ସମଲପୁରୀ' ବଲି ସ୍ୱୀକୃତି ଦେଲେ । 'ସମଲପୁର ରାଜ' (Sámbalpur State) ର ଗଠନ ଉପରେ **Major H. B. Impey** ତାକର **Gadjat States of Patna (1863)** ଥୁ ଲେଖିଛନ୍ —

"QUOTE"

ସମଲପୁରରାଜର ପତନ : ସଂସ୍କୃତି ସଂହାର :— କହୁ ଗୁଟେ 'ରାଜ୍ୟ' ହିସାବେ ସମଲପୁରର ରାଜନୈତିକ ଅସ୍ତିତ୍ୱ ଖତମ ହେଇଗଲାନ ପ୍ରାୟ ୨୦୦ ବରଷ ଆସୁଁ । ୧୯୦୦ ଇସବୀର ଏପ୍ରିଲ୍ ମାସେ ମରହଟ୍ଟାମାନେ ସମଲପୁର ଗଡ଼ ଦଖଲ କଲେ । ମହାରାଜ ଶ୍ରୀ ଜୟନ୍ତ ସିଂହ ଆଉ ଯୁବରାଜ ଶ୍ରୀ ମହାରାଜ ସାୟୁକେ ଚୁନା ଗଡ଼ଥୁଁ କଏଦ ରଖାଗଲା । ୧୮୧୭ ଇସବୀଥୁ ମେଜର ରଫସିଜ ମରହଟ୍ଟାମାନକୁ ହରେଇ କରି ରଜା ଆଉ ଯୁବରାଜକେ ମୁକଲାଲେ । ୧୮୨୦ଥୁ ମହାରାଜ ସାୟୁକେ 'ନାମକେ ଓ୍ୱାସ୍ତେ' ରଜା ଥାପନା କରି କେବଲ୍ ୩୪ ଖଣ୍ଡ ଖମାର ଗାଁ ଆଉ ହୀରା ଖଦାନର ମାଲିକାନା ଦିଆଗଲା । ୧୮୨୧ ଇସବୀଥୁଁ ସମଲପୁର ଇଲାକାର ବାକି ଗଡ଼ଜାତମାନକର ରାଜାମାନକୁ ଅଲଗା ଅଲଗା ସନନ୍ଦ ଦିଆଗଲା । ଇଥାର ପୂର୍ବୁଁ 'କନ୍ଧମାଲ' କେ ବଉଦରାଜଥୁଁ, ଆଉ ୧୮୦୪ଥୁ ବଉଦ-ଆଠ-ମଲିକକେ ଚିଂଚେଇ କରି କଟକ ସୁବା ସାଁଗେ ମିଶେଇ ଦିଆଯାଇଥିଲା । ୧୯୦୫ଥୁ ରାଏଗଡ଼-ସାରଙ୍ଗଡ଼କେ ପହେଲା ବିହାର, ଫେର ନାଗପୁର ସୁବା ସାଗେଁ ମିଶାଗଲା । ପଛେ ଖଡ଼ିଆଲ, ପଦମପୁର, ଫୁଲଝର, ବନ୍ଦ୍ରା-ନୁଆଗଡ଼, ଶକ୍ତି, ରାଏଗଡ଼ ଆଉ ସାରଙ୍ଗଡ଼କେ ମଧ୍ୟପ୍ରଦେଶଥୁ ସାମିଲ୍ କରାଗଲା ।

---

୧ । ୧୨ । ୧୯୧୦ ତାରିଖରେ କବି ଗଙ୍ଗାଧର ନିଜେ ବ୍ରଜମୋହନ ପଣ୍ଡାଙ୍କର୍ ଚିଠିଥୁଁ ... 'ମହାପୁରୁଷ କହୁଛନ୍, ସେ ଦିନ୍ ଆସୁ × × × ଯେନ୍‌ଦିନ ସମ୍ବଲପୁରିଆ ଭାଷା, ସାହିତ୍ୟ ସବେ ମାନ୍ୟତା ପାଏବା × ×

(ସପ୍ତର୍ଷି- ସ୍ୱ: ଗ: ଶତବାର୍ଷିକୀ ବିଶେଷାଙ୍କ ପୃ: ୭୦)

ସମଲପୁରକେ ୧୮୬୦ଥି ବଙ୍ଗପ୍ରଦେଶ, ୧୮୬୨ଥି ମଧ୍ୟପ୍ରଦେଶ ଆଉ ୧୯୦୫ଥି ଫେର ବଙ୍ଗପ୍ରଦେଶ ସାଁଗେ ମିଶାଗଲା । ୧୯୩୬ଥି ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଢ଼ା ହେଲା ବେଲକେ ଖଡ଼ିଆଲ୍ ଆଉ ପଦମପୁରକେ ମଧ୍ୟପ୍ରଦେଶଥି ଆନି ଫେର ଓଡ଼ିଶା ସାଙ୍ଗେ ମିଶାଗଲା । ଶେଷେ ୧୯୪୮ ଇସବିଥି ସାରା ଗଡ଼ଜାତକେ ଧମକ ଚମକ ଦେଇ କରି ଜୋର ଜବରଦସ୍ତି ରାଜନୈତିକ ସର୍ଜରୀ କରିଅରୁ ଓଡ଼ିଶା ସାଁଗେ ଲହଟେଇ ଦିଆଗଲା ।

'ସମଲପୁର ରାଜ'କେ ଯେନ କସମ ଛିନ୍‌ଭିନ୍ କରି ଦୁସରା ଦୁସରା ଭାଷାଭାଷୀ ପ୍ରଦେଶମାନକର ସାଁଗେ ମିଶାଗଲା ସେ ପରିସ୍ଥିତିଥି କେନସି ଭାଷାର ସାହିତ୍ୟ ସୃଷ୍ଟି ହେବାଟା ଅସମ୍ଭବ ଆଏ । ଆମର ଭାଷା ଆଉ ସଂସ୍କୃତି ଯେ ଏତେବଡ଼ ସଂସ୍କୃତି ସହାନକେ ସମ୍ଭାଲି କରି ବଁଚି ରହେଲା, ଇଟା ବଡ଼ କଥା ଆଏ । ରାଜ-ନୈତିକ ସଂରକ୍ଷଣ ବିନା କେନସି ଭାଷା ଆଉ ସଂସ୍କୃତି ତିସ୍ଟି ନେଇଁ ପାରେ । ଓଡ଼ିଆ ଆମର 'ରାଜଭାଷା' ଆଏ, 'ମାତୃଭାଷା' ନୁହେ । 'ରାଜଭାଷା' ଆଉ ମାତୃଭାଷା ଅଲଗ ଥିଲେ ସଂଖ୍ୟାଲଘୁ ଭାଷାକେ କେନ କସମ ସଂହାର କରାଯାଏସି ସେଟା କାହାରିକେ ଅଜନା ନୁହେଁ । ଇ ପରିସ୍ଥିତି କୋଶଲିମାନକୁଁ ନିଜର ଭାଷା ଆଉ ସଂସ୍କୃତିର ସୁରକ୍ଷାର ଲାଗି ଫେରଥରେ ନିଜର ଜାତିସତ୍ତା ଆଉ ରାଜନୈତିକ ଇତିହାସ-ଭୂଗୋଲ୍ ଖୁଜିବାକେ ବାଧ୍ୟ କରୁଛେ ।

ପ୍ରାକ କୋଶଲ ଦେଶ :—ଜନପଦୀୟ ଭାରତଥିଁ 'ସରଯୂ କୋଶଲ' ଆଉ 'ମହାନଦୀ କୋଶଲ', 'ଉତ୍ତର କୋଶଲ' ଆଉ 'ଦକ୍ଷିଣ କୋଶଲ'—ଏହିଭଳି ଦୁଇଟା 'କୋଶଲ'ର ବିବରଣ ଅଛେ । ଜନପଦର ସୃଷ୍ଟି ଆଉ ବିକାଶ ଦୃଷ୍ଟିଥିଁ ଏକା ନାଁର ଦୁଇଟା ଜନପଦ ଏକାସାଁଗେ ଜନମ୍ ହେବାରଟା ଅସମ୍ଭବ ଆଏ ! ବୈଦିକ ଯୁଗଥି ଗୁଟେ ବଂଶର ଲୁକକୁଁ 'ଜନ' କହୁଥିଲେ ଆଉ ଏକା ବଂଶର ଲୋକ ରହୁଥିବା ଠାନକେ 'ଜନପଦ' କହୁଥିଲେ । ପଛେଁ ଏହିଭଳି 'ଜନପଦ'ମାନ କ୍ଷତ୍ରିୟ ପ୍ରଧାନ ହେଲା ଆଉ ଗୁଟେ ରଜାର ଶାସନଥି ରହି ବସଲା । ରଜାର ନାଁଥି ଜନପଦର ନାଁ ରଖାଗଲା ଆଉ ରଜା, ରାଜକୁମାର, ଯୁବରାଣୀ ଆଉ ଜନପଦବାସୀ ଏକା ଜନପଦୀୟ ଅଭିଧା (Title) ଥି ଚିହ୍ନାଟ ପାଏଲେ । ବିହାହେଲା ଝିଅରୁ ବି ପିତୃକୁଳର 'ଅଭିଧା' ଲାଗୁ ହେଉଥିଲା :-ଯେମିତି କୁନ୍ତୀ, ମାଦ୍ରୀ, ଗାନ୍ଧାରୀ, କୌଶଲ୍ୟା, କୈକେୟୀ । ପୂର୍ବଜ ରଜାର ନାଁଥି ଜନପଦର ନାମକରଣ ହଉଥିଲା :-ଯେମିତି ଚମ୍ପ ଥୁ ଚମ୍ପା, ଉତ୍କଳ ଥୁ ଉତ୍କଳ, ଅଙ୍ଗ ଥୁ ଅଙ୍ଗ, ବଙ୍ଗ ଥୁ ବଙ୍ଗ ।

Scanned by CamScanner

ଜନପଦ ଗଠନର ଇ ବୈଦିକ ପରମ୍ପରାଥୁଁ ବିଚାର କଲେ ଅଯୋଧ୍ୟା ବା ସରୟୂ କୋସଲର ଜନପଦୀୟ ନା 'କୋସଲ' ନେଇଁ ହେଇପାରେ । ଅଯୋଧ୍ୟାର ମୂଳ ପୁରୁଷ 'ମନୁ'ର ରାଜବଂଶର ନା ଇକ୍ଷ୍ୱାକୁ ବଂଶ ଆଏ । ରଜା ଯୁବରାଜ ଆଉ ରାଜପୁତ୍ରୀର ଅଭିଧା ଯଥାକ୍ରମେ 'ଐକ୍ଷ୍ୱାକ', 'ଇକ୍ଷ୍ୱାକୁ' ଆଉ ଏକ୍ଷ୍ୱାକୀ ଥିଲା— 'କୌସଲ୍ୟ' କି 'କୌସଲ୍ୟା' ନେଇଁ ଥାଇ । ଇ କାରନଥୁଁ କୋସଲ ଦେଶ ବିନ୍ଧ୍ୟ ପର୍ବତର ଦକ୍ଷିନଥି ଥିଲା ବଲି ଯେନ ବିଭିନ୍ନ ଶାସ୍ତ୍ର ଆଉ ପୁରାନ-ପୋଥିଥି ଲେଖା ହେଇଛେ, ସେଟା ବେଶୀ ବିଶ୍ୱାସର ଲାଏକ୍ ଆଏ ।

'କୋସଲ' ଦେଶର ଉତ୍ପତ୍ତି ଉପରେ 'କୋସଲ ଖଣ୍ଡ' ଗ୍ରନ୍ଥଥି ବିଶେଷ ବିବରନ ଅଛେ :—ବିନ୍ଧ୍ୟାଚଳର ଦକ୍ଷିନ ପ୍ରଦେଶର ଗୁଟେ ରାଜଧାନୀର ନାଁ ନାଗପତ୍ତନ୍ ଥିଲା, ଯେନର ଗୁଟେ ପ୍ରତାପୀ ରଜା 'କୋସଲ'ର ନାଁଥି ଇ ଅଞ୍ଚଳର ନା 'କୋସଲ' ହେଲା । ସେଥିକୁ ଯେନର ରଜାର ଅଭିଧା 'କୋସଲ' ପଡ଼ଲା । ସେହି ବଂଶର ରଜା ଭାନୁମନ୍ତର କନ୍ୟା 'କୌସଲ୍ୟା' ଆଏ । କୌସଲ୍ୟାର ଭାଇ ନେଇଁଥାଇ ବଲି ଭାନୁମନ୍ତ ନିଜର ଜ୍ୱାଇଁ ଅଯୋଧ୍ୟାର ରଜା ଦଶରଥକେ କୋସଲର ଉତ୍ତରାଧିକାରୀ ବନାଲେ । ସେ ସମିୟାଥୁଁ ଅଯୋଧ୍ୟା 'ଉତ୍ତର କୋଶଲ' ଆଉ ନାଗପତ୍ତନ 'ଦକ୍ଷିନ କୋଶଲ' ବଲି ବିଖ୍ୟାତ ହେଲା ।

ଦକ୍ଷିଣାପଥର ଇ 'କୋସଲ' ଜନପଦର ଉତ୍ପତ୍ତି ବ୍ୟାକରଣକାର ପାଣିନୀଙ୍କର ମତ ଅନୁସାରେ "ଏକରାଜ ଜନପଦମାନକର ରଜାର ନା, ଜନପଦର ବାସିନ୍ଦା ମାନକର ନା, ଆଉ କ୍ଷତ୍ରୀୟ ରାଜପୁତର ନା ଏକା ରଖବାର ଜନପଦୀୟ ପରମ୍ପରା ସଁଗେ ଖାପ ଖାଉଛେ । ଅଯୋଧ୍ୟା କୋସଲର ନା ବହୁତ ପଛେଁ ଉତ୍ତର କୋସଲ ହେଲା ଇ ବିଷୟ ରାମାୟନଥୁଁ ବି ପ୍ରମାନିତ ହେଉଛେ । ପୁତ୍ରେଷ୍ଟି ଯଜ୍ଞ ଲାଗି ମହାରାଜ ଦଶରଥ ଯେନ ରାଜାମାନକୁଁ ନେଉତା ଥିଲେ (invited) ସେ ଭିତରେ କୋସଲ ରାଜ ଭାନୁମନ୍ତ ବି ଥିଲେ ବଲି ରାମାୟଣଥି ଉଲ୍ଲେଖ ଅଛେ—

> ତଥା କୋଶଲ ରାଜାନଂ ଭାନୁମନ୍ତଂ ସୁସଂସ୍କୃତମ୍
> ମଗଧାଧିପତିଂ ଶୂରଂ ସର୍ବଶାସ୍ତ୍ରବିଶାରଦଂ । —ରାମାୟଣ ୧।୧୩

କୃତ୍ତିବାସ ରାମାୟନ ଥି ବି ସେହି ବିଷୟ ଅଛେ—

> କୋସଲେର ରାଜା ସେ କୋସଲ ଦଣ୍ଡଧର
> କୌସଲ୍ୟା ନାମେ ତେ କନ୍ୟା ଆଛେ ତାର ଘର । —୧।୪୧

Scanned by CamScanner

କେବଳ ସେତ୍କି ନୁହେ, ରାମାୟନ, ମହାଭାରତ, ବାୟୁପୁରାନ ଆଉ ରଘୁ ବଂଶରୁ ଅଯୋଧ୍ୟା କୋଶଲ କେ 'ଉତ୍ତର' କୋଶଲ ଆଉ ଦକ୍ଷିନ କୋଶଲ କେ ଅବ୍ଗା 'କୋଶଲ୍' ବା 'ପ୍ରାକ୍ କୋଶଲ୍' ବଲି କହାଯାଇଛେ । 'ଉତ୍ତର' ଶବ୍ଦ 'ପଶ୍ଚାତ୍' (Later) 'ଅର୍ଥରୁ ବି ବ୍ୟବହୃତ ହେସି :—

କୋଶଲେଷୁ କୁଶଂ ବୀରମୁତ୍ତରେଷୁ ତଥା ଲବମ୍
ଅଭିଷିଚ୍ୟ ମହାତ୍ମାନାବୁଭୌ ରାମ କୁଶୀଲବୌ । —ରାମାୟଣ ୭।୧୦୭

କୁଶସ୍ୟ କୋଶଲା ରାଜ୍ୟଂ ପୁରୀ ଚାପି କୁଶସ୍ଥଳୀ
ରମ୍ୟା ନିବେଶିତା ତେନ ବିନ୍ଧ୍ୟପର୍ବତ ସାନୁଷୁ । ୧୯୮

ଉତ୍ତରା କୋଶଲେ ରାଜ୍ୟଂ ଲବସ୍ୟ ଚ ମହାତ୍ମନ
ଶ୍ରାବସ୍ତି ଲୋକ ବିଖ୍ୟାତ କୁଶବଂଶ ନିବୋଧତ । ବାୟୁପୁରାଣ ୧୯୯
ପିତୁରନନ୍ତର ମୁତ୍ତର କୋଶଲ୍ ସମଧିଗମ୍ୟ ସମାଧି ଜିତେନ୍ଦ୍ରିୟ
ଦଶରଥଃ ପ୍ରଶଶାସ ମହାରଥୌଯମବତାମବତାଂ—ରଘୁବଂଶ ୭।୧

ରାମାୟନରୁ 'କୁଶ'ର ବିନ୍ଧ୍ୟୋତ୍ତର କୋଶଲର ଭୌଗଳିକ ସ୍ଥିତି ବି ସ୍ପଷ୍ଟ କରାଯାଇଛେ—

କୁଶସ୍ୟ ନଗରୀ ରମ୍ୟା ବିନ୍ଧ୍ୟପର୍ବତ ରୋଧସି
କୁଶାବତୀତି ନାମ୍ନା ସା କୃତ୍ୱା ରାମେଣ ଧୀମତା

ମହାଭାରତରୁ ବି ଉତ୍ତର କୋଶଲ୍ ଆରୁ ଦକ୍ଷିନ ଭାଗର ପ୍ରାକ୍ କୋଶଲର ପରିଚ୍ଚ ବିବରନ୍ ଅଛେ । ଭୀମସେନ ଉତ୍ତର ଭାଗର 'କୋଶଲ୍'ର ରଜା ବୃହଦ୍ବଲ୍କେ ଜିତିଥିଲେ ତ ସହଦେବ ଦକ୍ଷିନ ଆଡ଼ର ପ୍ରାକ୍-କୋଶଲର ରଜାକେ ହରେଇଥିଲେ :—

ତତଃ କୁମାରବିଷୟେ ଶ୍ରେଣୀମନ୍ତମଥାଜୟତ
କୋଶଲାଧିପତିଂ ଚୈବ ବୃହଦ୍ବଲମରିନ୍ଦମ —ସଭାପର୍ବ ୩୦।୨

କାନ୍ତାରକାଂଶ୍ଚ ସମରେ ତଥା ପ୍ରାକ୍କୋଶଲାନ୍ ନୃପାନ୍
ନାଟକେୟାଂଶ୍ଚ ସମରେ ତଥା ହେରମ୍ବକାନପି —ସଭାପର୍ବ ୨୧।୧୩

ମହାଭାରତ-କାଲରୁ 'କୋଶଲ୍' ମହାଜନପଦ ହେଇ ସାରିଥିଲା । ପଛର ପୁରାନମାନରୁ ସପ୍ତ-କୋଶଲର ବିବରନ୍ ଅଛେ । ମୂଲ୍ କୋଶଲ ଜନପଦ କାନ୍ତାରକ (ବସ୍ତର-କଲାହାଣ୍ଡି) ଆରୁ କୋଶଳ ଏହିଁଟି ଦୁଇଭାଗରୁ ବଟୁଅରା

ହେଇବାର୍ ବି ଲେଖା ଅଛେ । ସମୁଦ୍ରଗୁପ୍ତର ପ୍ରୟାଗସ୍ତମ୍ଭ ଲେଖାଥି ଚତୁର୍ଥ ଶତାବ୍ଦିଥି କୋଶଳ୍‌ଥି ମହେନ୍ଦ୍ର ଆର୍ କାନ୍ତାରକେଥି ବ୍ୟାଘ୍ରରାଜ ଶାସନ କରବାର୍ କଥା ଲେଖା ଅଛେ । ଲେକନ ମୂଳ କୋଶଳ ଜେ ଛତିଶଗଡ଼ର ଭିତିରେ ଥିଲା, ଇ ବିଷୟ୍ ମଧ୍ୟକାଲର ଆନୁ ଅନେକ ଶିଳାଲେଖ ଆରୁ ତମ୍ବାପଟାରୁ ପ୍ରମାଣିତ ହେଉଛେ ।

ମଧ୍ୟଯୁଗୀୟ କୋସଲ :—ମଧ୍ୟଯୁଗ ଅର୍ଥାତ୍ ସତେଇ ଇସବୀରୁ ୧୫୦୦ଇସବୀର ପାଖ୍ ଦୁଇଶହଥିଁ ଅନେକ ଶିଳାଲେଖ, ତମାପଟା ଆରୁ ପୁଥିରୁଁ ସ ବଙ୍ଗାଳ ପଟର ପଶ୍ଚିମ ଦିଗର ମହାନଦୀର ଅଞ୍ଚଳକେ 'କୋଶଳ ଦେଶ' ବଲି ଚିହ୍ନଟ ହଉ-ଯାଇଛେ । ଏନ୍ତା ଜାଣବା କୋଶଳୀମାନକର ଭାଷା ଆରୁ ସଂସ୍କୃତି ଉପରେ ଇ ସ୍ୱତନ୍ତ୍ର ସ୍ୱଭାବ ସୃଷ୍ଟି ୧୮୦୦ ଇସବୀ ତକ 'କୋସଲ୍' ଦେଶ ବଲି ଖ୍ୟାତ ପାଇଥିଲା । ଇ ସବୁ ଐତିହାସିକ କଥା ଇ ଭାଷା ସମ୍ବନ୍ଧ ବିଷୟର ଲେଖାଥି ଆଲୋଚନା କରବାର୍ ଅପ୍ରାସଙ୍ଗିକ୍ ହେବା ବଲି ଭିନଭିନ କାଲର କେବଳ୍ କିଛିରଟା ନମୁନା ଦିଆଯାଉଛେ ।

୧- ଗୁଞ୍ଜା ଶିଳାଲେଖ (୧ମ ଇସବୀ):—ପହେଲା ଶତାବ୍ଦୀର ଗୁଞ୍ଜା ଶିଳାଲେଖ 'ସମ୍ବଲପୁର' ଆରୁ 'ରାଇପୁର' ସହରର ସୀମା 'ଶକ୍ତି'ର ଗୁଞ୍ଜା ପର୍ବତଥି ଅଛେ । ମହାଭାରତର ବନପର୍ବଥି 'କୋସଲ୍' ଥି ଋଷଭ ତୀର୍ଥ ଅଛେ ବଲି ବର୍ଣ୍ଣନ ଅଛେ । ଇ ଋଷଭତୀର୍ଥ ଗୁଞ୍ଜା ପର୍ବତଥି ଅଛେ । କେବର ରାଜା ବରଦତ୍ତଶ୍ରୀ ଇ ତୀର୍ଥ ଦୁଇଅର ହଜାରର ଲେଖା ଗାଏ ଦାନ କରି ବାଜପେୟ ଯଜ୍ଞର ଫଳ୍ ପାଇଥିଲେ ବଲି ଗୁଞ୍ଜା ଶିଳାଲେଖଥି ଲେଖାଯାଇଛେ—

Epigraphica India—Vol 27 Page 48

୨- ସୋମବଂଶୀ ତମାପଟା: (୭୦୦-୮୮୫):—ସୋମବଂଶୀ ରଜାମାନେ ନିଜକେ 'ସକଲ୍ କୋଶଳାଧିପତି' ବଲି ଶ୍ରୀପୁର, ମୁରସୀମ, ବିନୀତା ଆରୁ ସୋନପୁର ରାଜଧାନୀମାନକୁଁ 'କୋସଲ୍'ର ଶାସନ କରିଥିଲେ । ଶିବଗୁପ୍ତଦେବ, ବାଲାର୍ଜୁନ, ଜନମେଜୟ ଆରୁ ଯଯାତିଙ୍କର ବହୁତ୍ ତମାପଟାଥି ସମ୍ବଲପୁର, ବଲାଙ୍ଗୀର ଆରୁ କଲାହାଣ୍ଡି ଜିଲାର ଗାଁମାନ ଦାନ୍ ଦେବାର ପ୍ରମାଣ ମିଳୁଛେ । ଜନମେଜୟ ରଜାର ଅକଂଗ୍ରାମ ତମାପଟାଥି କୋଶଳ ଦେଶେ ଭୁକ୍ତିମ ବିଷୟୀୟ ଅକଂଗ୍ରାମ ଜେ ସମ୍ବଲପୁର ଜିଲାର 'ଭୁଡ଼ୁଙ୍' ଆରୁ 'ଅଙ୍ଗାଁ' ରଣ୍ଡା ତମାପଟାଥି କୋଶଳ ଦେଶେ ପୋବା ବିଷୟୀୟ ରଣ୍ଡା ଗ୍ରାମେ ତଥା ଅଲଣ୍ଡଲ୍ ଗ୍ରାମେ ଜେ ସୋନପୁର ପାଖର 'ପୋବା' ଆରୁ ବଲାଙ୍ଗୀର ପାଖର ରେଣ୍ଡା ଆରୁ ସତଲମା ତମାପଟାର ଡୋଙ୍ଗେ

Scanned by CamScanner

ଦେଶର 'ସତଲ୍ଲମା' ଆଉ 'କମଲ୍ଲୋଡ଼ା'କେ ବରଗଡ଼-ବରପାଲି ଇଲାକାର ସତଲମା ଆଉ କମର୍ଡ଼ା ଗାଁ ବଲି ଚିହ୍ନାଟ କରାଯାଇଛେ । ବାକି ସବୁ ତମାପଟ୍ଟା 'ମହାନଦୀ କୋସଲ୍'ର ଶହଶହ ଗାଁକେ ଚିହ୍ନାଟ କରିଛେ ।

୩- **ମହଦା-କୁମାରୀସିଂହା ତମାପଟ୍ଟା :** (୧୦୦୦-୧୨୦୦ ଇସବୀ) :—
କୋସଲ ଦେଶର ରଜାମାନେ 'ସୋନପୁର' ରାଜଧାନୀଥୁ ଜାରି ମହଦା, କୁମାରୀସିଂହା ଆଉ ପାଟନା ମ୍ୟୁଜିୟମ ପ୍ଲେଟ୍‌ଥି ବାରମହାରାଜପୁର, ବନକା ଆଉ ସୋନପୁର ଇଲାକାର ଗାଁମାନ ଦାନ ଦେବାର ବିଷୟ ଲେଖାଯାଇଛେ । (ଫୁଲମୁଠୀ, ଦୋହଲା, ମହଦା, ଚଁପାମାଲ, ଅଟେଣ୍ଡା, ମେଡ଼ାମାଲ, କୋଟସମଲେଇ, ଦାବ୍‌ପାଲି ଇତ୍ୟାଦି) ଇ ରଜାମାନେ ନିଜକେ 'ସକଲ କୋଶଲାଧିଶ୍ୱର' ବଲି ଉଲ୍ଲେଖ କରିଛନ୍ ।

୪- **ଭୀଲହାରୀ ଶିଲାଲେଖ :**—ଭୀଲହାରୀ ଶିଲାଲେଖ କଲଚୁରୀ ରଜାମାନକର 'ରତନପୁର ରାଜ' (ମଧ୍ୟପ୍ରଦେଶର ବିଲାସପୁର ଜିଲା) ଥି ଅଛେ । ଇ ଲେଖାଥି କଲଚୁରୀ ରଜା କୋସଲ ଆଉ ଓଡ୍ରଦେଶ ଜିତବାର ବର୍ଣ୍ଣନା ଅଛେ ।

ଜିତ୍ୱା କୋଶଲନାଥମୋଡ୍ରନୃପତେ ରାପ୍ରସୂଃ ଜ କାଳିଯ୍ୟୋ
ରତ୍ନାସ୍ୱର୍ଣ୍ଣମୟୂଃ ସ ଯେନ ବିହିତ ସୋମେଶ୍ୱରାଭ୍ୟର୍ଚ୍ଚନମ୍ ॥

ଇ କୋସଲ ରାଜ୍ୟ ସୋନପୁର, ସମଲପୁର, ପାଟନା ଇତ୍ୟାଦି ଇଲାକାଥିଁ ଥିଲା, ଇଟାର ଉପ୍ରେ ଆରୁ ବହୁତ ପ୍ରମାନ ଅଛେ ।

ଆଧୁନିକ କୋସଲ :—ଆଧୁନିକ ଯୁଗଥି ଯେନ ଇଲାକାକେ 'ସମଲପୁର' କି 'ହୀରାଖଣ୍ଡ' ବଲି ବର୍ଣ୍ଣନା କରାଯାଇଛେ, ଯେନ ଇଲାକାକେ ମେଜର ଇମ୍ପେ 'ସମ୍ବଲପୁର ଅଠରଗଡ଼' ବଲି ନାଁ ଦେଇଛନ୍, ତାର ପ୍ରକୃତ ନାଁ 'କୋସଲ' ଥିଲା । ସମଲପୁର କି ହୀରାଖଣ୍ଡ ବଲି ଐତିହାସିକମାନେ ଆଉ ପୁରୀର ଗଜପତି ନାଁ ଦେଇଥିଲେ । ପଛେଁ ଇଂରେଜ, ମରହଟ୍ଟା ଆଉ ଆଧୁନିକ ଇତିହାସକାରମାନେ 'ସମଲପୁର' ଆଉ 'ସମଲପୁରୀ' ନାଁକେ ପ୍ରଚଲନ କରିଛନ୍ ଇ ଇଲାକାର ରାଜଧାନୀ ସମଲପୁରଥି ଥିଲା ବଲି । ଇଂରେଜ ଜମାନାଥି ବି ଶାସନ ସମ୍ବଲପୁରଥି ରହେଲା, ପଲିଟିକାଲ ଏଜେଣ୍ଟ ଇଠାନେ ରହେଲେ । ଇଟା ବି ସମଲପୁରୀ ନାଁର ବେଶୀ ପ୍ରଚଲନ ହେବାର ଗୁଟେ ବଡ଼ କାରନ୍ ଥାଏ ।

Scanned by CamScanner

